# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୩ ◆ ଭୁବନେଶ୍ୱର ◆ ସୋମବାର ◆ ଜାନୁୟାରୀ ୨୬ରୁ ଫେବୃୟାରୀ ୦୧, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-23 ◆ Bhubaneswar ◆ Monday ◆ January 26 to February 01, 2026 ◆ Page-8 ◆ Price Rs.4.00


## ଅଲ୍‌ବିଦା ଅଭିଜିତ

ଭୁବନେଶ୍ୱର,(ଜା.ପ୍ର): ମଣିମା ଶୁଣିଲେ, ପ୍ରାର୍ଥନାକୁ ପୂରା କରିଦେଲେ। ଛୁଟି ମଞ୍ଜୁର ହେଲା ଆଉ ଜଞ୍ଜାଳ ଜାଲରୁ ଉଦ୍ଧାର ପରେ ସ୍ୱର୍ଗଦ୍ୱାରରେ ଜାଗା ବି ମିଳିଲା। ଶେଷରେ ତୁ ଥାଆ ମୁଁ ଯାଉଛି ରୁଷି କହି କହି...ସବୁଦିନ ପାଇଁ ଋଷିଗଲେ ଓଡ଼ିଶାର ମେଲୋଡି କିଙ୍ଗ୍ ଅଭିଜିତ୍ ମଜୁମଦାର। ସଂଗୀତ ଦୁନିଆରେ ଚଉକାଛକା ବର୍ଷା କରୁଥିବା ଏଭରଗ୍ରୀନ୍ ସ୍ୱରଟି ଆଜି ଶୋଇଯାଇଛି ସବୁଦିନ ପାଇଁ। ଅଭିଜିତଙ୍କ ଦୀର୍ଘ ୫ ମାସର ଜୀବନ ଯୁଦ୍ଧରେ ପଡ଼ିଛି ଦୁଃଖଦ ଯବନିକା। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ୫୪ ବର୍ଷ ବୟସରେ ଆଖି ବୁଜିଦେଇଥିଲେ ଓଡ଼ିଆଙ୍କର ଅତିପ୍ରିୟ ଦାଦା। ଷ୍ଟୁଡିଓ ପରିସରରେ ଅନେକ କଣ୍ଠଶିଳ୍ପୀ, ସଂଗୀତ ନିର୍ଦ୍ଦେଶକ, କଳାକାର ଓ ପ୍ରଶଂସକ ଅଭିଜିତଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ



କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

ଅଭିଜିତ ମଜୁମଦାର ୬୦ରୁ ଅଧିକ ସିନେମାରେ ସଂଗୀତ ଦେଇଥିବା ବେଳେ ସେ ଶହେରୁ ଅଧିକ ଆଲବମ୍ ପାଇଁ ସେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ୧୯୭୧ ସେପ୍ଟେମ୍ବର ୧୧ ତାରିଖରେ ଜନ୍ମିତ ଅଭିଜିତ୍ ପାଠପଢ଼ା ଶେଷ ହେବା ପରେ ସେ ଏକ କଲେଜରେ ଅଧ୍ୟାପନା କରୁଥିଲେ। ତେବେ ସଙ୍ଗୀତରେ କ୍ୟାରିୟର ଗଢ଼ିବା ପାଇଁ ଅଧ୍ୟାପକ ଚାକିରି ଛାଡ଼ି ଓଡିଆ ସଙ୍ଗୀତ ଜଗତରେ ପ୍ରବେଶ କରିଥିଲେ। ଶତାଧିକ ଗୀତରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଅଭିଜିତ୍ ମଜୁମ୍‌ଦାର୍। ୧୯୯୧ ମସିହାରେ ଓଡ଼ିଆ ସଙ୍ଗୀତରେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ଏହା ପରେ ସେ ୨୦୦୦ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ୨୦୦୦ ମସିହାରେ 'କାଶିଆ କପିଳା' ସିନେମା ଜରିଆରେ ସିନେମା ଜଗତରେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ତରଙ୍ଗ ଟିଭିରେ ପ୍ରସାରିତ ହେଉଥିବା 'ମେଲୋଡି ନାଇଟ୍ସ'କାର୍ଯ୍ୟକ୍ରମ ଲୋକପ୍ରିୟତା ହାସଲ କରିଥିଲା। ୨୦୧୦ ମସିହାରେ 'ତୁ ଥା ମୁଁ ଯାଉଛି ରୁଷି' ଓଡ଼ିଆ ସିନେମା ପାଇଁ ଏବଂ ୨୦୨୨ ମସିହାରେ 'ତୃଷ୍ଣା' ସିନେମା ପାଇଁ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ।

## ଗଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତିଙ୍କ ବାର୍ତ୍ତା

# ଦେଶର ବିକାଶରେ ମହିଳାଙ୍କ ଭାଗିଦାରୀ ବଢ଼ିଛି

ନୂଆଦିଲ୍ଲୀ,(ଏଜେନ୍ସି): ୭୭ତମ ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛି। ଏହି ଅବସରରେ ସେ ଗଣତନ୍ତ୍ର ଦିବସର ବଧେଇ ଜଣାଇ କହିଛନ୍ତି, ଏହି ଉତ୍ସବ ଦେଶବାସୀଙ୍କ ମଧ୍ୟରେ ଜାତୀୟ ଏକତା ତଥା ଗୌରବର ଭାବନାକୁ ଶକ୍ତିଶାଳୀ କରିଛି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଚଳିତ ବର୍ଷ ଗଣତନ୍ତ୍ର ଦିବସ ସହିତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟ ପାଳନ କରାଯାଉଛି। ଗଣତନ୍ତ୍ର ଦିବସର ଏହି ପବିତ୍ର ଦିନ ଆମକୁ ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଉପରେ ଚିନ୍ତା କରିବା ଏବଂ ବୁଝିବା ପାଇଁ ସୁଯୋଗ ଦେଇଥାଏ। ସମୟ ସହିତ ଆମ ଦେଶର ପରିସ୍ଥିତି ବଦଳିଛି। ଭାରତ ସ୍ୱାଧୀନ ହେବା ସହିତ ଆମେ ନିଜେ ନିଜ ଦେଶର ଭବିଷ୍ୟତ ସ୍ଥିର କରିବାର ଅଧିକାର ପାଇଛୁ। ସେ କହିଛନ୍ତି, ଦେଶର ବିକାଶରେ ମହିଳାମାନଙ୍କ ଭାଗୀଦାରି ବଢ଼ିଛି। ୫୭ କୋଟି ଜନ-ଧନ ଆକାଉଣ୍ଟ୍‌ରେ ୫୬ ପ୍ରତିଶତ ମହିଳାଙ୍କ ଆକାଉଣ୍ଟ୍ ରହିଛି। ୧୦ କୋଟିରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି। ଖେଳକୁଦରେ ଆମ ମହିଳା ଖେଳାଳିମାନେ ରେକର୍ଡ ସ୍ଥାପନ କରିଛନ୍ତି। ମହିଳା କ୍ରିକେଟ୍ ଟିମ୍ ଆଇସିସି ବିଶ୍ୱକପ୍, ବ୍ଲାଇଣ୍ଡ ବିଶ୍ୱକପ୍ ଜିତିଛନ୍ତି। ନାରୀଶକ୍ତି



ଆଇନ ବଳରେ ଦେଶର ମହିଳାମାନେ ଆହରି ସଶକ୍ତ ହେବେ। ଶାନ୍ତି ବାର୍ତ୍ତା ଉପରେ ରାଷ୍ଟ୍ରପତି କହିଛନ୍ତି, ଆମ ପରାମ୍ପରାରେ ସର୍ବଦା ପୂରା ସୃଷ୍ଟିରେ ଶାନ୍ତି ବଜାୟ ରଖିବା ପାଇଁ ପ୍ରାର୍ଥନା କରାଯାଇଥାଏ। ଯଦି ବିଶ୍ୱରେ ଶାନ୍ତି ରହିବ, ତେବେ ମାନବତାର ଭବିଷ୍ୟତ ସୁରକ୍ଷିତ ହେବ। ଆଜି ବିଶ୍ୱର କେତେକ ଭାଗରେ ଅଶାନ୍ତି ବ୍ୟାପିଥିବା ବେଳେ ଭାରତ ଶାନ୍ତି ଓ ଭାଇଚାରାର ବାର୍ତ୍ତା ପୂରା ବିଶ୍ୱରେ ପହଞ୍ଚାଉଛି। ଭାରତ ଭୂମିରେ ଜନ୍ମ ନେଇଥିବାରୁ ଆମେ ଗର୍ବିତ।

ଦେଶ ବିକାଶରେ ଭିନ୍ନ ଭିନ୍ନ କ୍ଷେତ୍ରର ଭୂମିକା ସମ୍ପର୍କରେ ରାଷ୍ଟ୍ରପତି ତାଙ୍କ ସମ୍ବୋଧନରେ କହିଛନ୍ତି, ଆମ ପୁଲିସର୍କୀ ଏବଂ କେନ୍ଦ୍ରୀୟ ସଶସ୍ତ ପୁଲିସ୍ ଯବାନ ଦେଶର ଆନ୍ତରିକ ପ୍ରତିରକ୍ଷା ପାଇଁ ତତ୍ପର ଅଛନ୍ତି। ଆମ ଦେବାଧର୍ମୀ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଦେଶବାସୀଙ୍କ ସେବା କରଛନ୍ତି। ଆମ ଇଞ୍ଜିନିୟର୍ ଦେଶର ବିକାଶରେ ଭୂମିକା ଗ୍ରହଣ କରୁଛନ୍ତି। ଆମ ଦେଶର ସମ୍ବେଦନଶୀଳ ନାଗରିକ ଦେଶକୁ ସଶକ୍ତ କରିବାରେ ଲାଗିଛନ୍ତି। କୃଷକଙ୍କ ଦମ୍‌ରେ କୃଷି ଉତ୍ପାନ ବିଦେଶ ପଠାଯାଉଛି।

ନାରୀ ଶକ୍ତି ଉପରେ ସେ କହିଛନ୍ତି, ବଞ୍ଚିତ ବର୍ଗଙ୍କ ଯୋଜନା ଲଗାତାର ଭାବେ ବୃଦ୍ଧି କରାଯାଉଛି। ମହିଳାଙ୍କ ସକ୍ରିୟ ଏବଂ ସମର୍ଥ ହେବା ଦେଶର ବିକାଶ ପାଇଁ ନିତାନ୍ତ ଜରୁରୀ। ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଏବଂ ଆର୍ଥିକ ସଶକ୍ତିକରଣ ପାଇଁ କରାଯାଉଥିବା ଜାତୀୟ ପ୍ରୟାସ ଫଳରେ ଅନେକ କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରୀ ବଢ଼ିଛି। ଅପରେସନ୍ ସିନ୍ଦୂରକୁ ନେଇ ରାଷ୍ଟ୍ରପତି ମର୍ମୁ କହିଛନ୍ତି, ଗତବର୍ଷ ଆମ ଦେଶର ଅପରେସନ୍ ସିନ୍ଦୂର ବଳରେ ଆତଙ୍କବାଦର ଠିକଣା ଉପରେ ସଠିକ୍ ପ୍ରହାର କରାଯାଇଛି। ଆତଙ୍କର ଅନେକ ଠିକଣାକୁ ଧ୍ୱସ୍ତ କରାଯାଇଛି। ଅନେକ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସ୍ଥଳସେନା, ବାୟୁସେନା ଏବଂ ନୌସେନାର ଶକ୍ତି ଆଧାରରେ ଆମ ସରକ୍ଷା କ୍ଷମତା ଉପରେ ଦେଶବାସୀଙ୍କ ପୂରା ଭରସା ରହିଛି।

ଜାନୁଆରୀ ୨୫ ଜାତୀୟ ମତନାତା ଦିବସ ମଧ୍ୟ ପାଳନ କରାଯାଇଥାଏ। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଜନପ୍ରତିନିଧିଙ୍କ ନିର୍ବାଚନ ପାଇଁ ଆମ ବୟସ୍କ ନାଗରିକ ମାନେ ଉତ୍ସାହପୂର୍ବକ ମତଦାନ କରିଥାନ୍ତି। ବାବାସାହେବ ଡ. ଭୀମରାଓ ଆମ୍ବେଦକର କହୁଥିଲେ ଯେ ମତାଧିକାରର ପ୍ରୟୋଗ ବଳଦରେ ରାଜନୈତିକ ଶିକ୍ଷା ସୁନିଶ୍ଚିତ ହୋଇଥାଏ। ମତଦାନରେ ମହିଳାମାନଙ୍କ ଭାଗୀଦାରୀରେ ବୃଦ୍ଧି ଦେଶର ବିକାଶରେ ବହୁ ମହତ୍ତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ପରିବେଶ ସଂରକ୍ଷଣ ଆଜିର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରାଥମିକତା। ପରିବେଶ ଜଡ଼ିତ ଅନେକ ଫେତ୍ରରେ ଭାରତ ବିଶ୍ୱ ସମୁଦାୟକୁ ମାର୍ଗଦର୍ଶନ କରୁଥିବା ଗର୍ବର ବିଷୟ। ପକୃତି ସହିତ ସମନ୍ୱିତ ଜୀବନଶୈଳୀ ଭାରତର ସାଂସ୍କୃତିକ ପରମ୍ପାର ଅଂଶବିଶେଷ ରହିଆସିଛି। ଏହି ଜୀବନଶୈଳୀ ବିଶ୍ୱ ସମୁଦାୟକୁ ଆମର ଦିଆଯାଇଥିବା ବାର୍ତ୍ତା ଲାଇଫ୍‌ଷ୍ଟାଇଲ୍ ଫର୍ ଏନ୍‌ଭାୟରମେଣ୍ଟ୍ (ଲାଇଫ୍)ର ଆଧାର। ଆମେ ଏପରି ପ୍ରୟାସ କରିବା ଉଚିତ, ଯାହା ଫଳରେ ଭାବି ପିଢ଼ିଗୁଡ଼ିକ ପାଇଁ ଧରିତ୍ରୀ ମାତାର ଅମୂଲ୍ୟ ସଂସାଧର ଉପଲବ୍ଧ ରହିପାରିବ।

# ଓଡ଼ିଶାର ୪ ଜଣଙ୍କୁ ପଦ୍ମଶ୍ରୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ୪ ବିଶିଷ୍ଟ ବ୍ୟକ୍ତିଙ୍କୁ ମିଳିବ ସମ୍ମାନଜନକ ପଦ୍ମ ପୁରସ୍କାର। ସାନ୍ତାଳି ଭାଷା ସାହିତ୍ୟ ପାଇଁ ମୟୂରଭଞ୍ଜ ଜିଲ୍ଲାର ଚରଣ ହେମ୍ବ୍ରମ, ଆଦିବାସୀ ଲୋକକଥା ଓ ଲୋକ ସଂସ୍କୃତିର ପ୍ରଚାର ପ୍ରସାର ଓ ସୁରକ୍ଷା ପାଇଁ ମହେନ୍ଦ୍ର କୁମାର ମିଶ୍ର, ଗଞ୍ଜାମ ଦିଗପହଣ୍ଡି ଅଞ୍ଚଳର ବିଶିଷ୍ଟ ଲୋକନୃତ୍ୟ କଳାକାର ସୀମାଞ୍ଚଳ ପାତ୍ର ଏବଂ ବାନ୍ଧକଳା ଶିଳ୍ପୀ ଶରତ କୁମାର ପାତ୍ର ପାଇବାକୁ ଯାଉଛନ୍ତି ପଦ୍ମ ପୁରସ୍କାର। ସମ୍ମାନଜନକ ପଦ୍ମ ପୁରସ୍କାର ଲାଗି ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା ହୋଇଛି ନାଁ। ଆଉ ୧୧୩ ଜଣିଆ ତାଲିକାରେ ସ୍ଥାନ ପାଇଛନ୍ତି ୪ ଓଡ଼ିଆ।

ମୟୂରଭଞ୍ଜ ଜିଲ୍ଲା ରାଇରାଙ୍ଗପୁର ଅଞ୍ଚଳର ବିଶିଷ୍ଟ ସାନ୍ତାଳି ସାହିତ୍ୟିକ ଚରଣ ହେମ୍ବ୍ରମ୍ ସାନ୍ତାଳି ଭାଷା, ସାହିତ୍ୟ ଓ ସଂସ୍କୃତିର ଜଣେ ଜାଗ୍ରତ ପ୍ରହରୀ। ସେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ଓ ସୁରକ୍ଷା ପାଇଁ ୩୦ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ସାନ୍ତାଳି ଭାଷାକୁ ବ୍ୟାପକ କରିବା ଓ ଏହାର ଉନ୍ନତି ପାଇଁ ସେ ପ୍ରତିଷ୍ଠା କରିଛନ୍ତି ଏକାଧିକ ଅନୁଷ୍ଠାନ। ସେହିଭଳି ଆଦିବାସୀ ମହିଳାଙ୍କ ପାରମ୍ପରିକ ନୃତ୍ୟ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ରହିଛି ତାଙ୍କର ଅତୁଳନୀୟ ଭୂମିକା।

ଆଦିବାସୀ ଲୋକକଥା ଓ ଲୋକ ସଂସ୍କୃତିର ସୁରକ୍ଷା ଲାଗି କାର୍ଯ୍ୟ କରୁଥିବା ପଶ୍ଚିମ ଓଡ଼ିଶାର ଅନ୍ୟତମ ସୁନାମଧନ୍ୟ ସାହିତ୍ୟିକ ତଥା ଭାଷାବିତ ମହେନ୍ଦ୍ର କୁମାର ମିଶ୍ର ପାଇବେ ପଦ୍ମଶ୍ରୀ ସମ୍ମାନ। କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷରେ ସେ ସାଜିଛନ୍ତି ଜନଜାତିଙ୍କ ସ୍ୱର। ବିଭିନ୍ନ ଆଦିବାସୀ ଭାଷାରେ ସେ ଲେଖିଛନ୍ତି ୩୦ରୁ ଅଧିକ ପୁସ୍ତକ। ଆଦିବାସୀଙ୍କ କଥା, ସଂସ୍କୃତି ଓ ପରମ୍ପରାକୁ ନେଇ ସେ ପ୍ରସ୍ତୁତ କରିଛନ୍ତି ବହୁ ଡକ୍ୟୁମେଣ୍ଟାରୀ। ସେହିଭଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ବିଶିଷ୍ଟ ଲେଖକଙ୍କ କୃତିକୁ ଓଡ଼ିଆ ଓ ଅନ୍ୟ ଆଦିବାସୀ ଭାଷାରେ ତାଙ୍କ ଅନୁବାଦର ତୁଳନା ନାହିଁ। ସେହିଭଳି ଓଡ଼ିଶାର ପାରମ୍ପରିକ ଲୋକକଳାକୁ ଜନମାନସରେ ବଞ୍ଚାଇ ରଖିଥିବା ନାଟ୍ୟଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ମିଳିବ ପଦ୍ମ ପୁରସ୍କାର। ଗଞ୍ଜାମ ଦିଗପହଣ୍ଡି ଅଞ୍ଚଳର ସୀମାଞ୍ଚଳ ପାତ୍ରଙ୍କର ପିଲାଟି ଦିନରୁ ଥିଲା ଲୋକକଳା ପ୍ରତି ଆଗ୍ରହ। ଆଉ ସେ ଆଗ୍ରହ ଆଗରେ ଆଜି ବି ହାର ମାନିଛି ତାଙ୍କ ପରିଣତ ବୟସ। ଲୋକ ନାଟକ ପ୍ରହଲ୍ଲାଦ ପାଇଁ ସେ ସମଗ୍ର ରାଜ୍ୟ ତଥା ଦେଶରେ ସାଉଁଟିଛନ୍ତି ସ୍ୱତନ୍ତ୍ର ପରିଚୟ। ୩୫ଟି ରାଗ ଓ ୩୦୦ ସଙ୍ଗୀତକୁ ନେଇ ପରିବେଷିତ ହେଉଥିବା ପ୍ରହଲ୍ଲାଦ ନାଟକକୁ ଏବେ ବି ବଞ୍ଚାଇ ରଖିଛନ୍ତି ସୀମାଞ୍ଚଳ। କଳା ପ୍ରତି ତାଙ୍କ ଉତ୍ସର୍ଗୀକୃତ ଓ ସମର୍ପଣ ଭାବର ପଟାନ୍ତର ନାହିଁ। ଏହି ପ୍ରହଲ୍ଲାଦ ନାଟକ ଲାଗି ସେ ନିଜ ସମ୍ପତ୍ତିର ଏକ ପ୍ରମୁଖ ଅଂଶ ବିକି ଦେଇଥିବା କୁହାଯାଏ। ସେହିଭଳି କଟକ ତିଗିରିଆ ଅଞ୍ଚଳର ବିଶିଷ୍ଟ ବାନ୍ଧକଳା ଶିଳ୍ପୀ ଶରତ କୁମାର ପାତ୍ର ପାଇବେ ପଦ୍ମଶ୍ରୀ ସମ୍ମାନ। ବାନ୍ଧ ଶାଢୀରେ ଶ୍ରୀଜଗନ୍ନାଥଙ୍କ ଗୀତଗୋବିନ୍ଦ ଲେଖାକୁ ଉତାରି ବେଶ୍ ନାଁ କରିଥିଲେ ଶରତ ପାତ୍ର। ୫୨ ମିଟର ଲମ୍ବା ବାନ୍ଧ ଶାଢ଼ୀରେ ସେ ଏହି ଦୁରୁହ କଷ୍ଟସାଧ କାର୍ଯ୍ୟକୁ ଅତି ନିଷ୍ଠାର ସହ ଫୁଟାଇ ପାରିଥିଲେ। ଏଥିପାଇଁ ପ୍ରାୟ ୭ ବର୍ଷ ସମୟ ନେଇଥିଲେ।

## ଆଷ୍ଟ୍ରୋନଟ୍ ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ର

ନୂଆଦିଲ୍ଲୀ,(ଏଜେନ୍ସି): ଗଣତନ୍ତ୍ର ଦିବସର ଦିନକୁ ପୂର୍ବରୁ କେନ୍ଦ୍ର ସରକାର ବୀରତା ଏବଂ ସେବା ପଦକର ଘୋଷଣା କରିଛନ୍ତି। ଏହି କ୍ରମରେ ଆଷ୍ଟ୍ରୋନଟ୍ ଏବଂ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ରରେ ସମ୍ମାନିତ କରାଯିବ। ସେହିପରି ତିନି ଅଧିକାରୀଙ୍କୁ କୀର୍ତ୍ତି ଚକ୍ର ଏବଂ ୧୩ ଜଣଙ୍କୁ ଶୌର୍ଯ୍ୟ ଚକ୍ର ପ୍ରଦାନ କରାଯିବ। ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ୍, ଟେଷ୍ଟ ପାଇଲଟ୍ ଏବଂ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ (ଇସ୍ରୋ)ର ଅନ୍ତରୀକ୍ଷ ଯାତ୍ରୀ ଶୁଭାଂଶୁ ଶୁକ୍ଲା ଗତବର୍ଷ ଜୁନ୍ ୨୫ ତାରିଖରେ ନାସାର ଏକ୍ସିୟମ୍ ମିଶନ୍ ଅଧୀନରେ ଇଣ୍ଟରନାସ୍‌ନାଲ୍ ସ୍ପେସ୍ ଷ୍ଟେସନ୍ (ଆଇଏସ୍‌ଏସ୍) ଯାତ୍ରା କରିଥିଲେ। ଆଇଏସ୍‌ଏସ୍‌ରେ ସେ ୧୮ ଦିନ ଅବସ୍ଥାନ କରହିଥିଲେ। ୧୯୮୪ରେ ରାକେଶ ଶର୍ମାଙ୍କ ପରେ ଅନ୍ତରୀକ୍ଷ ଯାତ୍ରା କରିବାରେ ସେ ଦ୍ୱିତୀୟ ଭାରତୀୟ। ସେ ମଧ୍ୟ ଭାରତର ଗଗନଯାନ ମିଶନ୍‌ରେ ସାମିଲ ଅଛନ୍ତି।

ଜାତୀୟ ଚେତନା
JATIYA CHETANA



# ଭାରତ ଆସିବା ଘରକୁ ଫେରିବା ପରି ଅନୁଭୂତି ଦେଇଥାଏ: ସୁନୀତା ୱିଲିୟମ୍ସ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ତଥା ନାସା (ଆମେରିକାର ମହାକାଶ ଗବେଷଣା ସଂସ୍ଥା)ର ମହାକାଶଚାରୀ ସୁନୀତା ୱିଲିୟମ୍ସ ସମ୍ପ୍ରତି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ ୪ଦିନିଆ ଭାରତ ଗସ୍ତ କରିଛନ୍ତି। ସେ ନୂଆଦିଲ୍ଲୀ ସ୍ଥିତ ଆମେରିକୀୟ ସେଣ୍ଟରରେ ଯୁବପିଢ଼ିଙ୍କ ସହ 'ତାରା ଉପରେ ଆଖି, ଭୂମି ଉପରେ ପାଦ' ଶୀର୍ଷକ ଏକ ସେମିନାର ବା ଇଣ୍ଟରଆକ୍ଟିଭ୍ ସେସନ୍‌ରେ ଯୋଗଦେଇଛନ୍ତି। ଏଠାରେ ତାଙ୍କୁ ଯୁବପିଢ଼ିମାନେ ଅନେକ ପ୍ରସଙ୍ଗରେ ପ୍ରଶ୍ନ କରିଥିବା ବେଳେ ସୁନୀତା ଏସବୁ ପ୍ରଶ୍ନର ଉତ୍ତର ମଜାଳିଆ ଅନ୍ଦାଜରେ ଦେଇଛନ୍ତି।

୬୦ ବର୍ଷୀୟା ସୁନୀତା କହିଛନ୍ତି, "ବର୍ତ୍ତମାନ ବିଶ୍ୱରେ ଏକ ମହାକାଶ ଦୌଡ଼ ଚାଲିଛି। ଅନେକ ଦେଶ ଚନ୍ଦ୍ର ଏବଂ ମହାକାଶରେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି। ଲକ୍ଷ୍ୟ କେବଳ ପ୍ରଥମେ ପହଞ୍ଚିବା ନୁହେଁ, ବରଂ ମଣିଷମାନେ ସୁରକ୍ଷିତ, ସ୍ଥାୟୀ ଏବଂ ସ୍ଥାୟୀ ଉପାୟରେ ଚନ୍ଦ୍ରରେ ପହଞ୍ଚିବା ନିଶ୍ଚିତ କରିବା ମଧ୍ୟ ଜରୁରି। ସୁନୀତା କହିଛନ୍ତି, ମହାକାଶରୁ ପୃଥିବୀକୁ ଦେଖିବା ତାଙ୍କୁ ଆମେ ସମସ୍ତେ ଏକ ବୋଲି ଅନୁଭବ କରାଇଥାଏ। ଏହି ଅବସରରେ ପରବର୍ତ୍ତୀ ପିଢ଼ିକୁ ମହାକାଶ ଅନୁସନ୍ଧାନରେ ସେମାନଙ୍କର ସ୍ଥାନ ନିର୍ଦ୍ଧାରଣ କରିବାକୁ ପଡିବ, ଆମେ ସମସ୍ତେ ଏକ ଏବଂ ଆମକୁ ଅଧିକ ନିକଟରୁ ଏକାଠି କାମ କରିବା ଉଚିତ୍ ବୋଲି ସୁନୀତା ପରାମର୍ଶ ଦେଇଛନ୍ତି। ସୁନୀତାଙ୍କ କହିବାନୁସାରେ ଭାରତ ଆସିବା ତାଙ୍କ ପାଇଁ ଘରକୁ ଫେରିବା ପରି ଅନୁଭବ ହେଉଛି। ତାଙ୍କ ବାପା ଗୁଜରାଟର ମେହସାଣା ଜିଲ୍ଲାର ଝୁଲାସନ ଗାଁର ସ୍ଥାୟୀ ନିବାସୀ ଥିଲେ। ଏହି କାରଣରୁ ଭାରତ ଏବଂ ଏଠିକାର ପ୍ରତ୍ୟେକ ସଂସ୍କୃତି, ପରମ୍ପରା, ଖାଦ୍ୟ ଏବଂ ଲୋକମାନେ ତାଙ୍କୁ ଅତ୍ୟନ୍ତ ନିଜର ଅନୁଭବ ହୋଇଥାନ୍ତି। ସେହିପରି ସୁଯୋଗ ମିଳିଲେ ସେ କ'ଣ ପୁଣିଥରେ ଚନ୍ଦ୍ରପୃଷ୍ଠକୁ ଯିବାକୁ ଚାହିଁବେ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ସୁନୀତା କହିଥିଲେ ଯେ, ସେ ନିଶ୍ଚିତ ରୂପେ ଏପରି କରିବାକୁ ଚାହିଁବେ, କିନ୍ତୁ ତାଙ୍କ ସ୍ୱାମୀ ତାଙ୍କୁ ଅନୁମତି ଦେବେ ନାହିଁ। ମଜାଳିଆ ଅନ୍ଦାଜରେ ସେ କହିଥିଲେ ଯେ ଯଦି ସେ ବେଶି ଜିଦ୍ କରିବେ ଚନ୍ଦ୍ରକୁ ଯିବା ପାଇଁ ତେବେ ହୁଏତ ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ମଧ୍ୟ କରିଦେବେ। କାର୍ଯ୍ୟକ୍ରମରେ ଦିବଂଗତ ଭାରତୀୟ ମହିଳା ମହାକାଶଚାରୀ କଳ୍ପନା ଚାୱଲାଙ୍କ ୯୦ ବର୍ଷୀୟା ମାଆ ଏବଂ ଭଉଣୀ ଉପସ୍ଥିତ ଥିବା ବେଳେ ସୁନୀତା ମଞ୍ଚ ଉପରୁ ତଳକୁ ଓହ୍ଲାଇଆସି ଉଭୟଙ୍କୁ ଆଲିଙ୍ଗନ କରିବା ଦେଖିବାକୁ ମିଳିଥିଲା। ୧୯୯୮ ମସିହାରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ଦୀର୍ଘ ୨୭ ବର୍ଷ ଧରି ସୁନୀତା ନାସା ପାଇଁ କାମ କରିଛନ୍ତି। ଏବେ କିନ୍ତୁ ସେ ଅବସରଗ୍ରହଣ କରିଛନ୍ତି। ଯଦିଓ ଏସମ୍ପର୍କରେ ନାସା ଚଳିତ ମାସ ଜାନୁଆରୀ ୨୦ ତାରିଖରେ ଘୋଷଣା କରିଛି, ତେବେ ତାଙ୍କ ଅବସର କିନ୍ତୁ ଡିସେମ୍ବର ୨୭, ୨୦୨୫ ରୁ କାର୍ଯ୍ୟକାରୀ ହେବ।

# ୬୧ ହଜାର ନିଯୁକ୍ତପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ଏଜେନ୍ସି): ନିଯୁକ୍ତିପତ୍ର ପାଇଲେ ନବନିଯୁକ୍ତ ଯୁବକ, ଯୁବତୀ। ୬୧ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ମିଳିଲା ଚାକିରି। ଶନିବାର ୧୮ତମ ରୋଜଗାର ମେଳା ଅନୁଷ୍ଠିତ ହୋଇଛି। ବିଭିନ୍ନ ସରକାରୀ ବିଭାଗରେ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବନିଯୁକ୍ତଙ୍କୁ ଟିପ୍ସ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ସମୟ ତୁମଙ୍କୁ ସମ୍ବିଧାନ ପ୍ରତି ଆପଣଙ୍କର ଦାୟିତ୍ୱର ନିକଟତର କରୁଛି। ୨୪ ଜାନୁଆରୀରେ ଆମର ସମ୍ବିଧାନ 'ଜନ ଗଣ ମନ'କୁ ଜାତୀୟ ସଙ୍ଗୀତ ଭାବରେ ଏବଂ 'ବନ୍ଦେ ମାତରମ'କୁ ଜାତୀୟ ଗୀତ ଭାବରେ ଗ୍ରହଣ କରିଛି। ଏହି ନିଯୁକ୍ତି ପତ୍ର ଏକ ପ୍ରକାରେ, ରାଷ୍ଟ୍ର ନିର୍ମାଣ ପାଇଁ ଏକ ନିମନ୍ତ୍ରଣ ପତ୍ର। ଏହା ଏକ ବିକଶିତ ଭାରତ ଆଡ଼କୁ ଦିଗଦର୍ଶନ ଦେବା ପାଇଁ ଏକ 'ସଂକଳ୍ପ ପତ୍ର'। ନିଯୁକ୍ତିପତ୍ର ବାଣ୍ଟି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଗତ ୫-୭ ବର୍ଷ ମଧ୍ୟରେ ଯେତେବେଳେ ଆପଣ ସରକାରଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ, ତାହା ସରକାରୀ କାର୍ଯ୍ୟାଳୟ ହେଉ କିମ୍ବା ଅନ୍ୟ କୌଣସି ଉପାୟରେ କିଛି ଅସୁବିଧାର ସମ୍ମୁଖୀନ ହୋଇଥିଲେ କିମ୍ବା କିଛି ତ୍ରୁଟି ଲକ୍ଷ୍ୟ କରିଥିଲେ। ସେହି ସମୟ ବିଷୟରେ ଚିନ୍ତା କରନ୍ତୁ। ଏବେ ଏହା ଆପଣଙ୍କ ଉପରେ ନିର୍ଭର କରେ ଯେ ଆପଣଙ୍କ ସରକାରରେ କାର୍ଯ୍ୟକାଳ ମଧ୍ୟରେ ଆପଣଙ୍କୁ ଅସୁବିଧା ସୃଷ୍ଟି କରୁଥିବା ସମସ୍ତ ଜିନିଷ



ଅନ୍ୟ କାହାକୁ କଷ୍ଟ ନ ଦେଉ। ସରକାରଙ୍କ ଅଂଶ ହୋଇଥିବାରୁ, ଆପଣଙ୍କୁ ଆପଣଙ୍କ ସ୍ତରରେ ଛୋଟ ଛୋଟ ସଂସ୍କାର ସୁନିଶ୍ଚିତ କରିବାକୁ ପଡ଼ିବ ବୋଲି ମୋଦୀ କହିଛନ୍ତି।

ଏହାଛଡ଼ା ମୋଦୀ କହିଛନ୍ତି ଯେ, ଆଜିର ଦିନରେ ପ୍ରାୟ ୬୧ ହଜାର ଯୁବକଯୁବତୀ ସରକାରୀ ସେବା ପାଇଁ ନିଯୁକ୍ତିପତ୍ର ଗ୍ରହଣ ସହ ନିଜ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରୁଛନ୍ତି। ଏମାନଙ୍କ ମଧ୍ୟରୁ କିଛି ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବେ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଶକ୍ତ କରିବେ, ଆର୍ଥିକ ସେବାକୁ ସଦୃଢ଼ କରିବେ। ଯୁବପିଢ଼ିଙ୍କୁ ଦକ୍ଷତା ସହିତ ଯୋଡ଼ିବା ଏବଂ ସେମାନଙ୍କୁ ନିଯୁକ୍ତି ତଥା ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ କରିବା ସରକାରଙ୍କ ପାଇଁ ପ୍ରାଥମିକତା ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ସରକାରୀ ନିଯୁକ୍ତିକୁ ଏକ ମିଶନ ମୋଡରେ ରଖିବା ପାଇଁ ଏହି ରୋଜଗାର ମେଳା ଆରମ୍ଭ କରାଯାଇଥିଲା ଏବଂ ଗତ କିଛି ବର୍ଷ ଧରି ଏହା ଏକ ଅନୁଷ୍ଠାନରେ ପରିଣତ ହୋଇଛି। ଏହି ପଦକ୍ଷେପ ମାଧ୍ୟମରେ ଲକ୍ଷ ଲକ୍ଷ ଯୁବକ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ପତ୍ର ପାଇଛନ୍ତି। ଆଜି ସାରା ଦେଶରେ ଚାଳିଶରୁ ଅଧିକ ସ୍ଥାନରେ ରୋଜଗାର ମେଳା ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଭାରତ ଆଜି ବିଶ୍ୱର ଯୁବ ଦେଶମାନଙ୍କ ମଧ୍ୟରୁ ଗୋଟିଏ, ଏବଂ ସରକାର ଘରୋଇ ତଥା ବିଶ୍ୱ ସ୍ତରରେ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାକୁ ନିରନ୍ତର ପ୍ରୟାସ କରୁଛନ୍ତି। ଭାରତ ସରକାର ଅନେକ ଦେଶ ସହିତ ବାଣିଜ୍ୟ ଏବଂ ପରିବହନ ଚୁକ୍ତି ସ୍ୱାକ୍ଷର କରୁଛନ୍ତି, ଯାହା ଭାରତୀୟ ଯୁବକଯୁବତୀମାନଙ୍କ ପାଇଁ ଅଗଣିତ ନୂତନ ସୁଯୋଗର ଦ୍ୱାର ଖୋଲି ଦେଉଛି। ନବନିଯୁକ୍ତମାନଙ୍କୁ ସରକାରୀ କାର୍ଯ୍ୟାଳୟ ଏବଂ ପ୍ରକ୍ରିୟାକୁ ନେଇ ସେମାନଙ୍କର ଅତୀତର ଅଭିଜ୍ଞତା ମନେପକାଇବାକୁ ପ୍ରଧାନମନ୍ତ୍ରୀ କହିଥିଲେ। ଏହା ସହ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ନାଗରିକମାନେ ଯେପରି, ସେସବୁ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବାକୁ ଆହ୍ୱାନ କରିଥିଲେ। ତାଙ୍କ ଅଭିଭାଷଣ ଶେଷ କରି ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ 'ନାଗରିକ ଦେବୋ ଭବ' ଭାବନା ସହ କାମ କରିବାକୁ ଆହ୍ୱାନ କରିଥିଲେ।

# ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ସମ୍ପର୍କ ଛିନ୍ନ କଲା ଆମେରିକା

ୱାଶିଂଟନ୍, (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଠାରୁ ସମସ୍ତ ପ୍ରକାର ସମ୍ପର୍କ ଛିନ୍ନ କରିବାକୁ ୨୦୨୫ ଜାନୁଆରୀ ୨୦ ବେଳକୁ ପ୍ରଥମ ଥର ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମା (ଏକ୍‌ଜିକ୍ୟୁଟିଭ୍ ଅର୍ଡର) ଜାରି କରିଥିଲେ। ଏହି ନିର୍ଦ୍ଦେଶ ଅନ୍ତର୍ଗତ ଆମେରିକା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ଓହରିଯିବାର ଘୋଷଣା କରିଥିଲା। ଏହି ସମୟକୁ ବର୍ଷାଧିକ ସମୟ ଅତିକ୍ରମ ହୋଇଥିବା ବେଳେ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମେରିକା ଏବେ ହୁ' ଠାରୁ ବିଧିବଦ୍ଧ ଭାବେ ସମ୍ପର୍କ ତୁଟାଉଥିବା ନେଇ ଘୋଷଣା କରିଛି। ଏଥିସହ ଆମେରିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ଓହରିଯିବାର ପ୍ରକ୍ରିୟା ମଧ୍ୟ ଆନୁଷ୍ଠାନିକ ଭାବରେ ସମାପ୍ତ ହୋଇଛି। ପ୍ରକାଶ, ଏହି ନିଷ୍ପତ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନରୁ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଏହା ଜାନୁଆରୀ ୨୨ରେ ସମାପ୍ତ ହୋଇଛି।




ହୁ' ସହ ଏପ୍ରକାର ସମ୍ପର୍କ ଛିନ୍ନ କରିବା ପଛର କାରଣ ଭାବେ ଟ୍ରମ୍ପ ପ୍ରଶାସନ ଦର୍ଶାଇଛି ଯେ, ହୁ' କୋଭିଡ-୧୯ ମହାମାରୀ ପରିଚାଳନାରେ ଗୁରୁତର ଭୁଲ କରିଛି। ସଂଗଠନ ଆବଶ୍ୟକୀୟ ସଂସ୍କାର କରିବାରେ ବିଫଳ ହୋଇଛି। ଏପରିକି ହୁ'ର କିଛି ଉଚ୍ଚ ପଦସ୍ଥ ସଦସ୍ୟ ଦେଶର ରାଜନୈତିକ ଚାପରେ କାର୍ଯ୍ୟ କରିଛନ୍ତି। ତେବେ ଆମେରିକା ଏବେ ପ୍ରତ୍ୟାହାର ପ୍ରକ୍ରିୟା ସମାପ୍ତ କରିବା ପାଇଁ ହୁ' ସହିତ ସୀମିତ ଯୋଗଯୋଗ ବଜାୟ ରଖିବ କିନ୍ତୁ ଆମେରିକା ଭବିଷ୍ୟତରେ ଆଉ କେବେ ବି ହୁ' କୁ ଫେରିବ ନାହିଁ ବୋଲି ଟ୍ରମ୍ପ୍ ସରକାର ସ୍ପଷ୍ଟ କରିଛି। ଅନ୍ୟପକ୍ଷେ ଆମେରିକା ନିଜକୁ ହୁ' ଠାରୁ ବିଛିନ୍ନ କରିନେବା ପରେ ହୁ' ଏବେ ଏକ ବଡ଼ ଆର୍ଥିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ହୁ' ପକ୍ଷରୁ ବିଶ୍ୱବ୍ୟାପୀ ଚାଲିଥିବା ଅନେକ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ, ଗବେଷଣା ଆଦି ସବୁକିଛି ଏବେ ଆର୍ଥିକ ଅଭାବଜନିତ ପରିସ୍ଥିତିର ସମ୍ମୁଖୀନ ହେବା ନିଶ୍ଚିତ ହୋଇପଡିଛି।

ଆମେରିକା ଗତ ୧୯୪୮ରୁ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ୍ ଦୀର୍ଘ ୭୮ ବର୍ଷ ଧରି ହୁ' ଭଳି ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସଂଗଠନର ନିୟମିତ ସଦସ୍ୟ ଥିଲା। ଆମେରିକା କେବଳ ହୁ'ର ସଦସ୍ୟ ଥିଲା ତାହା ନୁହେଁ ବରଂ ହୁ' ପାଇଁ ବିଶ୍ୱର ସବୁଠୁ ବଡ଼ ପାଣ୍ଠି ପ୍ରଦାନକାରୀ ସହଯୋଗୀ ମଧ୍ୟ ସାଜିଥିଲା। ଆମେରିକା ହୁ'ର ସଦସ୍ୟତା ଫି' ବାବଦ ପ୍ରାୟ ବାର୍ଷିକ ୧୧୧ ନିୟୁତ ଡଲାର ଏବଂ ସ୍ୱେଚ୍ଛାକୃତ ଆର୍ଥିକ ସହାୟତା ଭାବେ ପ୍ରାୟ ୫୭୦ ନିୟୁତ ଡଲାରରୁ ଅଧିକ ଦାନ କରିଆସୁଥିଲା। କିନ୍ତୁ ଟ୍ରମ୍ପ୍ ୨ୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଆମେରିକା ଫାଷ୍ଟ' ନୀତିକୁ କାର୍ଯ୍ୟକାରୀ କରିଥିଲେ। ଏହି ନୀତି ଅନ୍ତର୍ଗତ ଟ୍ରମ୍ପ୍, ଆମେରିକାର ରାଜସ୍ୱକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପାଣ୍ଠି ଯୋଗାଣକୁ କାଣ୍ଟଛାଣ୍ଟ କରିବା ଆରମ୍ଭ କରିଦେଇଥିଲେ। ଏହିକ୍ରମେ ହୁ'କୁ ମଧ୍ୟ ଆର୍ଥିକ ସହାୟତା ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଟ୍ରମ୍ପ୍ ଘୋଷଣା କରିଥିଲେ। ଆମେରିକା ହୁ'କୁ ସମସ୍ତ ପାଣ୍ଠି ସ୍ଥଗିତ ରଖିବା ସହ ଜେନିଭା ମୁଖ୍ୟାଳୟ ଏବଂ ବିଶ୍ୱବ୍ୟାପୀ ହୁ' କାର୍ଯ୍ୟାଳୟରୁ ଏହାର ସମସ୍ତ କର୍ମଚାରୀ ଏବଂ ଠିକାଦାରମାନଙ୍କୁ ପ୍ରତ୍ୟାହାର କରିନେଇଥିଲା। ଆମେରିକା ଏବେ ଆଉ ହୁ'ର ସଦସ୍ୟ ହୋଇ ରହିନାହିଁ। ଜେନିଭା ସ୍ଥିତ ହୁ' ମୁଖ୍ୟାଳୟ ବାହାରେ ଆମେରିକୀୟ ପତାକା ମଧ୍ୟ ହଟାଇ ଦିଆଯାଇଛି। ସୂଚନାଯୋଗ୍ୟ କେବଳ ହୁ' ନୁହେଁ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକା ଏବେ ମିଳିତ ଜାତିସଂଘର ୩୧ଟି ସଂଗଠନ ସମେତ ପ୍ରାୟ ୬୬ଟି ଅନ୍ତର୍ଜାତୀୟ ସଂଗଠନ ଠାରୁ ସମର୍ଥନ ପ୍ରତ୍ୟାହାର କରିନେଇଛି। ଏହାର ଅର୍ଥ ଆମେରିକା ପକ୍ଷରୁ ଏସବୁ ସଂଗଠନକୁ ଆଉ କୌଣସି ପ୍ରକାର ଆର୍ଥିକ ସହଯୋଗ ମିଳିବ ନାହିଁ।

# ୨୮ରେ ଆରମ୍ଭ ହେବ ବଜେଟ୍ ଅଧିବେଶନ

ନୂଆଦିଲ୍ଲୀ,(ଏଜେନ୍ସି): ଆସନ୍ତା ୨୮ରୁ ସଂସଦର ଉଭୟ ଗୃହରେ ବଜେଟ୍ ଅଧିବେଶନ ଆରମ୍ଭ ହେବ। ଉଭୟ ଲୋକସଭା ଏବଂ ରାଜ୍ୟସଭାର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ଅଭିଭାଷଣ ରଖିବା ସହ ସମ୍ବୋଧିତ କରିବେ। ତେବେ ଏହାର ଦିନକ ପୂର୍ବରୁ ଅର୍ଥାତ୍ ୨୭ ତାରିଖରେ ଶାସକ ଦଳ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଏହି ବୈଠକରେ ଆଗାମୀ ବଜେଟ୍ ଅଧିବେଶନକୁ ସର୍ବାପେକ୍ଷା ଅଧିକ ଶୃଙ୍ଖଳିତ କରିବା ପାଇଁ ଶାସକ ଦଳ ବିରୋଧୀ ଦଳମାନଙ୍କ ସହଯୋଗ ଲୋଡିବ। ଏତଦ୍‌ବ୍ୟତୀତ ବିରୋଧୀ ଦଳଙ୍କ ପକ୍ଷରୁ ରହିଥିବା ପ୍ରସଙ୍ଗ ତଥା ଦାବିକୁ ମଧ୍ୟ ଶାସକ ଦଳ ଶୁଣିବା ସହ ଗୃହରେ କିପରି ଏସବୁ ଉପରେ ଚର୍ଚ୍ଚା କରାଯାଇପାରିବ ସେନେଇ ମଧ୍ୟ ବୈଠକରେ ବିଚାର ବିମର୍ଶ କରାଯିବ। ମୋଟାମୋଟି ବଜେଟ୍ ଅଧିବେଶନ ପୂର୍ବରୁ ରାଜନୈତିକ ସହମତି ଗଠନ ପାଇଁ ସରକାର ପ୍ରୟାସ ଜୋରଦାର କରିଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ଦ୍ୱାରା ଡକାଯାଇଥିବା ଏହି ସର୍ବଦଳୀୟ ବୈଠକ ଜାନୁଆରୀ ୨୭ ତାରିଖ ସକାଳ ୧୧ଟାରେ ସଂସଦ ଭବନ ଆନେକ୍ସର ମୁଖ୍ୟ କମିଟି କକ୍ଷରେ ଅନୁଷ୍ଠିତ ହେବ। ସରକାର ଏବଂ ବିରୋଧୀ ଅଧିବେଶନର କାର୍ଯ୍ୟସୂଚୀ ଉପରେ ସେମାନଙ୍କର ମତାମତ ଉପସ୍ଥାପନ କରିବେ। ପ୍ରକାଶ, ଏଥର କେନ୍ଦ୍ରୀୟ ବଜେଟ ଫେବୃଆରୀ ୧ ତାରିଖ ଦିନ ଉପସ୍ଥାପନ କରାଯିବ। ଏହାକୁ ସଂସଦର ଇତିହାସରେ ଏକ ବିରଳ ଘଟଣା ବୋଲି ବିବେଚନା କରାଯାଏ। ଅନ୍ୟପକ୍ଷେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ଅର୍ଥମନ୍ତ୍ରୀ ଭାବେ ୯ମ ଥର ପାଇଁ ବଜେଟ ଉପସ୍ଥାପନ କରିବେ। ଚଳିତ ବଜେଟ୍ ଅଧିବେଶନ ୨ଟି ପର୍ଯ୍ୟାୟରେ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୨୮ରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହୋଇ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

# ୩ ଅମୃତ ଭାରତ ଟ୍ରେନ୍‌ର ଶୁଭାରମ୍ଭ

ଥିରୁଅନନ୍ତପୁରମ,(ଏଜେନ୍ସି):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେରଳ ଗସ୍ତ ପୂର୍ବକ ଏଠାରେ ୩ଟି ଅମୃତ ଭାରତ ଟ୍ରେନ୍ ସହ ମୋଟ୍ ୪ଟି ଟ୍ରେନ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତି, ଯାହାକି କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୂରଗାମୀ ଏବଂ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବ ବୋଲି କୁହାଯାଉଛି। ତେବେ ନୂତନ ଟ୍ରେନ୍‌ଗୁଡ଼ିକ ଯାତ୍ରାକୁ ଅଧିକ ସୁଲଭ, ନିରାପଦ ଏବଂ ସମୟସୀମା ସହିତ କରିବା ସହିତ ସମଗ୍ର ଅଞ୍ଚଳରେ ପର୍ଯ୍ୟଟନ, ବାଣିଜ୍ୟ, ଶିକ୍ଷା, ନିଯୁକ୍ତି ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ଏକ ଦୃଢ଼ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ଏହି ଅବସରରେ ଆୟୋଜିତ ଏକ ସମାବେଶକୁ ସମ୍ବୋଧିତ କରି ମୋଦୀ କହିଛନ୍ତି, ସମଗ୍ର ଦେଶ ଏବେ ବିକଶିତ ଭାରତ' ଲକ୍ଷ୍ୟ ପାଇଁ ସମନ୍ୱିତ ଭାବରେ କାର୍ଯ୍ୟ କରୁଛି ଏବଂ ବିକଶିତ ଭାରତ ପାଇଁ ସହରଗୁଡ଼ିକର ଏକ ବଡ଼ ଭୂମିକା ରହିଛି।

ଜାତୀୟ ଚେତନା
JATIYA CHETANA



# ୬ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

## ଉତ୍ସବମୁଖର ହେବ ରାଜ୍ୟ, ପ୍ରସ୍ତୁତି ଜୋରଦାର୍

ଭୁବନେଶ୍ୱର,(ଜା.ପ୍ର): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃୟାରୀ ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ସଂଧ୍ୟାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।



ପ୍ରାପ୍ତ ସୂଚନା ଅନୁସାରେ ରାଷ୍ଟ୍ରପତି ୨ ତାରିଖ ସଂଧ୍ୟାରେ ଭୁବନେଶ୍ୱରରେ ପହଁଚି ସେଦିନ ଲୋକ ଭବନରେ କିଛି ସାକ୍ଷାତ କାର୍ଯ୍ୟକ୍ରମ ପରେ ରାତ୍ର ରହଣି କରିବେ। ପରଦିନ ୩ ତାରିଖ ସକାଳେ ସେ ଯାଜପୁର ଗସ୍ତ କରି ବିରଜା ମନ୍ଦିର ପରିଦର୍ଶନ କରି ନାଭି ଗୟା ଠାରେ ପୂଜାର୍ଚ୍ଚନା କରିବେ; ଅପରାହ୍ଣରେ ବାଲେଶ୍ୱର ଗସ୍ତ କରି ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସେଦିନ ସଂଧ୍ୟାରେ ସେ ପୁରୀ ଗସ୍ତ କରି ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରି ଶ୍ରୀ ଜୀଉମାନଙ୍କ ଦର୍ଶନ, ଆଳତୀ ଏବଂ ପିଣ୍ଡଦାନ କରିବେ। ୪ ତାରିଖ ସକାଳେ ମୟୂରଭଂଜ ଜିଲ୍ଲା ଗସ୍ତ କରି ରାଇରଙ୍ଗପୁର ମହୁଲଡିହା ସ୍ଥିତ ଅବକାଶ ଗୃହ (ହୋଲି ଡେ ହୋମ) ଉଦଘାଟନ କରିବା ସହ ସେଠାରେ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ବିଭାଗ ପରିଚାଳିତ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଭଂଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ପରେ ପରେ ପରେ ବୈଦପୁର ଠାରେ ଏକ କ୍ରୀଡ଼ା କମ୍ପ୍ଲେକ୍ସ ଉଦଘାଟନ କରିବେ। ୪ ତାରିଖ ଅପରାହ୍ଣରେ ମାନ୍ୟବର ରାଇରଙ୍ଗପୁରଠାରେ ଅନ୍ୟ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୫ ତାରିଖ ସକାଳେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରଠାରେ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ଅପରାହ୍ଣରେ ସିମିଳିପାଳ ଗସ୍ତ କରିବେ। ୬ ତାରିଖ ସକାଳେ ସେଠାରେ ମହିଳା ଏବଂ ଆଦିବାସୀ ଗୋଷ୍ଠୀର ଯୁବବର୍ଗଙ୍କ ସହିତ ବାର୍ତ୍ତା ବିନିମୟ କରିବେ। ଅପରାହ୍ଣରେ ଭୁବନେଶ୍ୱରରେ ପହଁଚି ଓଡ଼ିଶା ସରକାର ଏବଂ ଗ୍ଲୋବାଲ ଫିନାନ୍ସ ଟେକ୍ନୋଲୋଜି ନେଟଓ୍ୱର୍କର ମିଳିତ ଆୟୋଜନରେ ଅନୁଷ୍ଠିତ "ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଇଣ୍ଡିଆ" କାର୍ଯ୍ୟକ୍ରମରେ ଯୋଗଦେବେ। ମାନ୍ୟବର ରାଷ୍ଟ୍ରପତି ୭ ତାରିଖ ସକାଳୁ ଭୁବନେଶ୍ୱର ବିମାନ ବନ୍ଦରରୁ ଛତିଶଗଡ଼ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଭୁବନେଶ୍ୱରରେ ପହଁଚିବା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଏବଂ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ କରାଯିବା ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବ୍ୟକ୍ତିଗତ ଭାବେ ଦତାରଖ କରିବା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗର ସଚିବ, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟକ୍ରମ ପରିଚାଳନାରେ ଯେପରି କୌଣସି ତ୍ରୁଟି ନହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କୁ ବିମାନ ବନ୍ଦରରୁ ସ୍ୱାଗତ କରିବା, ମେଲାଣି ଦେବା, ବିଭିନ୍ନ ସ୍ଥାନରେ ସାମୟିକ ରହଣି, ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳମାନଙ୍କରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଅତିରିକ୍ତ ଜେନେରେଟରର ସୁବିଧା, କାରକେଡ୍ ପ୍ଲାନ୍, ଚିକିତ୍ସା ଓ ସ୍ୱାସ୍ଥ୍ୟ ଯନ୍ତ୍ର, ଆବଶ୍ୟକ ସ୍ଥାନରେ ରାସ୍ତା ମରାମତି, ପରିମଳ ବ୍ୟବସ୍ଥା,ପାନୀୟ ଜଳ ବ୍ୟବସ୍ଥା, ମଂଚ ପ୍ରସ୍ତୁତି,ବେରିକେଡିଂ, ଆବଶ୍ୟକ ସଂଖ୍ୟକ ପାଶ୍ , ଗଣମାଧ୍ୟମରେ କାର୍ଯ୍ୟକ୍ରମର ପ୍ରସାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ସମସ୍ତ ସମନ୍ୱୟ ପାଇଁ ଗୃହ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକରିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ପୁଲିସ୍ ଡିଜିପି ୱାଇ.ବି.ଖୁରାନିଆ, ଅଗ୍ନିଶମ ସେବା ଡିଜି ଡଃ. ସୁଧାଂଶୁ ଷଡଙ୍ଗୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ କୁମାର ପାଢୀଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ, ଜାତୀୟ ରାଜପଥ ଏବଂ ସମ୍ପୃକ୍ତ ବିଭିନ୍ନ ସଂସ୍ଥାର କର୍ତ୍ତୃପକ୍ଷ ଯୋଗଦେଇଥିଲେ। ଯାଜପୁର, ବାଲେଶ୍ୱର, ପୁରୀ, ମୟୂରଭଂଜ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

# ସ୍କୁଲ ପିଲାଙ୍କ ଗହଣରେ 'ମନ୍ କି ବାତ୍' ଶୁଣିଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ଆଜି ଥିଲା ୧୩୦ ତମ ଅଧ୍ୟାୟ। ମୁଖ୍ୟମନ୍ତ୍ରୀ ସ୍କୁଲ୍ ପରିସରରେ ଏହି କାର୍ଯ୍ୟକ୍ରମ ଶୁଣିବା ସହିତ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥି ସହିତ ଷ୍ଟାର୍ଟଅପ କ୍ଷେତ୍ରରେ ଭାରତ ବର୍ଷର ସଫଳତା ବିଷୟରେ ଆଲୋକପାତ କରି ପିଲାମାନଙ୍କୁ ସବୁବେଳେ ନବସୃଜନ ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ଆଜିର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଥିବା ତାଙ୍କର ପ୍ରତ୍ୟେକ ପ୍ରେରଣାଦାୟୀ ବିଚାର ସମ୍ପର୍କରେ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀ ବିସ୍ତୃତ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ ଯେ ଆଜି ଥିଲା ଜାତୀୟ ମତଦାତା ଦିବସ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବ ଭୋଟରମାନଙ୍କୁ ଭୋଟର ଲିଷ୍ଟରେ ନାମ ପଞ୍ଜୀକୃତ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ଇଣ୍ଡଷ୍ଟ୍ରି ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ କ୍ୱାଲିଟିକୁ ସର୍ବାଗ୍ରେ ରଖିବା, ସ୍ୱଚ୍ଛତା ଓ ପରିବେଶ ପ୍ରଦୂଷଣ ପ୍ରତି ସଚେତନତା ବୃଦ୍ଧି ଭଳି ଅନେକ ପ୍ରେରଣାଦାୟୀ ବାର୍ତ୍ତା ପ୍ରଧାନମନ୍ତ୍ରୀ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କର ଏହି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱ ଦେଇ ଦେଶବାସୀଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦେଇ ଆସୁଛନ୍ତି। ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତୃବୃନ୍ଦ ଓ ସ୍ଥାନୀୟ ବାସିନ୍ଦା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ୩୪୯ ଜଣଙ୍କୁ ମିଳିଲା ନିଯୁକ୍ତି ପତ୍ର

ଭୁବନେଶ୍ୱର,(ଜା.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଅଷ୍ଟାଦଶ ରୋଜଗାର ମେଳାକୁ ଉଦଘାଟନ କରିବା ସହିତ ସାରା ଦେଶରେ ୬୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ସରକାରୀ ଚାକିରୀର ନିଯୁକ୍ତି ପତ୍ର ବିତରଣ କରିଛନ୍ତି। ଭୁବନେଶ୍ୱରସ୍ଥିତ ସିଏସଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ପରିସରରେ ଏକ ନିଯୁକ୍ତି ମେଳା ଆୟୋଜନ କରାଯାଇଥିଲା। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ ୩୪୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍ଏଲ୍ବିସି ଓଡ଼ିଶାର ଆବାହକ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଗୌତମ ପାତ୍ର, ସିଆରପିଏଫ୍ ଡିଆଇଜି ଭରତ ଭୂଷଣ ସେଠୀ, ଏମ୍ସ ଡିନ୍ (ଗବେଷଣା) ପ୍ରଫେସର ଡାକ୍ତର ସତ୍ୟଜିତ ମିଶ୍ର, ଇଏସ୍ଆଇସି ଓଡ଼ିଶା ଯୁଗ୍ମ ନିର୍ଦ୍ଦେଶକ ମହେନ୍ଦ୍ର ଭୋଇ, ଏଫ୍‌ସିଆଇ ଉପ ମହାପ୍ରବନ୍ଧକ ଅଙ୍କୁର ବସ୍ସ, ଆଇଟିବିପି ୪୧ ବାଟାଲିୟନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ବିଏସ୍ଏଫ ଅଧିକାରୀ ସୁମନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନୀତି ଆୟୋଗ ଉପାଧ୍ୟକ୍ଷ

## ଓଡ଼ିଶାର ଆର୍ଥିକ ସଂସ୍କାରକୁ କଲେ ପ୍ରଶଂସା

ଭୁବନେଶ୍ୱର,(ଜା.ପ୍ର): ଆର୍ଥିକ ସଂସ୍କାରକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ରାଜ୍ୟର ଭିତ୍ତିଭୂମି ବିକାଶ ସହ ଜଳସେଚନ, ବିଦ୍ୟୁତ୍ ଓ ଲଜିଷ୍ଟିକ୍ସ, ଶିଳ୍ପ, ସହରାଞ୍ଚଳର ଉନ୍ନତିକରଣ ଏବଂ ଗ୍ରାମୀଣ ଅଭିବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହା ନିଶ୍ଚିତ ଭାବରେ ପ୍ରଶଂସନୀୟ ପଦକ୍ଷେପ ବୋଲି ଓଡ଼ିଶା ଗସ୍ତରେ ଥିବା ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରକୁ ଦେଶର ଏକ 'ବେଞ୍ଚମାର୍କ ସିଟି' ଭାବ ବିକଶିତ କରିବାକୁ ପଡ଼ିବ। ଏବେଠାରୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାର ବେଳ ଆସିଛି। ସେହିପରି ନୀତି ଆୟୋଗଙ୍କ ସହଭାଗିତାରେ ଓଡ଼ିଶାର ସାମଗ୍ରିକ ଉନ୍ନତି ଚାହୁଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ, ସଭ୍ୟ ଡ. ଅରବିନ୍ଦ ଭିମାନୀ ସାକ୍ଷାତ କରି କିଛି ଜରୁରୀ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବୈଠକରେ ଓଡ଼ିଶାର ବିକାଶ, ଚାଲୁଥିବା ଆର୍ଥିକ ସଂସ୍କାର ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିତ୍ତିଭୂମି ଏବଂ ସଂଯୋଗୀକରଣ କ୍ଷେତ୍ରରେ ଓଡ଼ିଶା ଦ୍ୱାରା ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ବିଶେଷକରି ରାସ୍ତା, ଜଳସେଚନ, ବିଦ୍ୟୁତ୍, ଶିଳ୍ପ ଓ ଗ୍ରାମୀଣ ଅଭିବୃଦ୍ଧି ସମ୍ପର୍କିତ ରିପୋର୍ଟ ପ୍ରଦାନ କରିଥିଲେ। ସମନ୍ୱିତ ସହରାଞ୍ଚଳ ଯୋଜନା, ଉନ୍ନତ ସଂଯୋଗୀକରଣ, ଜମି ଉପଲବ୍ଧତା ବୃଦ୍ଧି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ପର୍କରେ ନୀତି ଆୟୋଗ ଅନେକ ଆଲୋଚନା ଏବଂ ଅଂଶୀଦାରଙ୍କ ସହିତ ପରାମର୍ଶ କରିବା ପରେ ଏକ ବିସ୍ତୃତ ଅଧ୍ୟୟନ କରିଛି। ଭିଜନ ଡକ୍ୟୁମେଣ୍ଟ ଅନୁସାରେ ଖୁବ୍‌ଶୀଘ୍ର ପ୍ରକାଶିତ ହେବାକୁ ଯାଉଛି କାର୍ଯ୍ୟ ଖସଡ଼ା। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ଏକ କ୍ୱାଡ୍ ସିଟି ଭାବେ ବିକଶିତ କରିବା ପାଇଁ ନିଷ୍ପତ୍ତି ହୋଇଛି। କାରଣ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ 'ଅର୍ଥନୈତିକ ଅଞ୍ଚଳ' ଭାବେ ଅବହିତ କରାଯାଇଛି ବୋଲି ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି। ରାଜ୍ୟର ବିକାଶ ପଥକୁ ପ୍ରଶଂସା କରି ଶ୍ରୀ ବେରୀ କହିଥିଲେ, ଆର୍ଥିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ମଧ୍ୟରୁ ଗୋଟିଏ। ଶିଳ୍ପ ବିକାଶ ଏବଂ ନିବେଶ ପାଇଁ ଏକ ଦୃଢ଼ ଏବଂ ସ୍ଥିର ବ୍ୟବସାୟିକ ପରିବେଶ ସୃଷ୍ଟି କରିଛି। ରାଜ୍ୟରେ ଶିଳ୍ପାୟନକୁ ବୃଦ୍ଧି କରିପାରୁଥିବା ପ୍ରଭାବଶାଳୀ ସଂସ୍କାର ପାଇଁ ନିଆଯାଇଥିବା ପଦକ୍ଷେପ ପାଇଁ ସେ ରାଜ୍ୟକୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଦକ୍ଷ ସ୍ୱିରେଜ ପରିଚାଳନା, ପରିଷ୍କାର ପରିସର, ସବୁଜ ସ୍ଥାନ ଏବଂ ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଭୁବନେଶ୍ୱରକୁ ଏକ ମଡେଲ ସହର ଭାବରେ ବିଶେଷ ଧ୍ୟାନ ଦେବା ଉଚିତ୍। ସେ ଦେଶ ପାଇଁ ଏକ ମାନଦଣ୍ଡ ସହର ଭାବରେ ବିକଶିତ କରିବା ପାଇଁ 'ଟେକ୍ସାସ ମଡେଲ' ଭଳି ସମନ୍ୱିତ ସହରାଞ୍ଚଳ ଯୋଜନା ପଦ୍ଧତି ସମେତ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ପୁନର୍ବାର କହିଥିଲେ ଯେ ଜାତୀୟ ସଂସ୍କାର ଏଜେଣ୍ଡା ସହିତ ସମନ୍ୱୟ ରଖି ଓଡ଼ିଶା ସରକାର ବ୍ୟବସାୟ କରିବାର ସହଜତା ଏବଂ ନିବେଶ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛି। ନୀତି ଆୟୋଗଙ୍କ ସହଭାଗୀତା ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି, ଶିଳ୍ପ ବିକାଶ ଏବଂ ଉନ୍ନତ ଗୁଣବତ୍ତା ଆଡ଼କୁ ରାଜ୍ୟର ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ। ଉକ୍ତ ବୈଠକରେ ମୁଖ୍ୟ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜିବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସାସ୍ୱତ ମିଶ୍ର ଏବଂ ଉନ୍ନୟନ କମିଶନର ଡି.କେ ସିଂହ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ବାଳିକା, ବିବାହ ଓ ବ୍ୟଥା

ହଠାତ୍ ଦିନେ ୧୬ ବର୍ଷର ବାଳିକା ଲାଡ୍‌ଲିକୁ ବିଦ୍ୟାଳୟ ଯିବାକୁ ବାରଣ କଲେ ତା'ର ମାଆବାପା। ସେହିଦିନ ତାକୁ ନୂଆ ଶାଢ଼ି ପିନ୍ଧାଇ ସଜବାଜ କରାଇ ନେଇଗଲେ ଡ୍ରଇଂ ରୁମ୍‌କୁ। ଡ୍ରଇଂ ରୁମ୍‌ରେ ପୂର୍ବରୁ ବସିଥିଲେ ଲାଡଲିର ବାପା ଏବଂ କିଛି ଅଚିହ୍ନା ଅତିଥି। ଅତିଥିମାନଙ୍କ ମଧ୍ୟରେ ମହିଳାମାନେ ଅଧିକ ଥିଲେ। ସେହି ମହିଳାମାନେ ସଙ୍ଗେ ସଙ୍ଗେ ଲାଡଲିକୁ ଦେଖି ହସିଦେଲେ। ତା' ଗାଲରେ ଚୁମ୍ବନ ଦେଇ ନିଜ ମେଳରେ ବସାଇଲେ। ଅଜଣା ଲୋକମାନେ ଲାଡଲିକୁ ଚୁମ୍ବନ ଦେବାବେଳେ ଲାଡଲି ଅସହଜ ଅନୁଭବ କରୁଥିଲା। କିନ୍ତୁ ଲାଡଲି ଅନୁଭବ କରିପାରୁଥିଲା ତା' ମାଆବାପାଙ୍କର ସହମତି। ସେହି ମହିଳାମାନେ କହୁଥିଲେ ବୋହୂ ଆମର ଭାରି ପସନ୍ଦ। ଲାଡଲି କିଛି ବୁଝିବା ପୂର୍ବରୁ ବୋଧହୁଏ ତା'ର ବୋହୂ ହେବାର ଚିଟଉ ଲେଖା ସରିଥିଲା। ଜଣେ ମହିଳା ଜରିଗୁଡ଼ା ହୋଇଥିବା ଏକ ବିଡ଼ା ଜଣେ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଲାଡ୍‌ଲିର ବାପାଙ୍କ ହାତକୁ ବଢ଼ାଇଦେଲେ। ବାପା ଭାରି ଖୁସି ଦେଖାଯାଉଥିଲେ। ଲାଡ୍‌ଲି ଏବେ ବୁଝିସାରିଥିଲା ଯେ, ତା'ର ବୟସ ପୂର୍ବରୁ ବିବାହ ନିଷ୍ପତ୍ତି ହୋଇସାରିଛି। ସେ ସେଠାରୁ ଉଠି ଧାଇଁଗଲା ଘର ଭିତରକୁ। ଦୁଆର ଦେଇ କଇଁକଇଁ ହୋଇ କାନ୍ଦିବାକୁ ଲାଗିଲା। ଲାଡ୍‌ଲିର ମନକୁ ବୁଝିବା ପରିବର୍ତ୍ତେ ସେମାନେ କହୁଥିଲେ ଲାଡଲି ଲାଜରେ ଚାଲିଗଲା। ତା'ର ସମ୍ମତି ଅଛି ବୋଲି ଏଠାରେ ଜୋରଜବରଦସ୍ତ ଭାବରେ କୁହାଗଲା। ସେହିଦିନଠାରୁ ସାଙ୍ଗମାନଙ୍କ ସହିତ ମିଳାମିଶା ତା'ର ବନ୍ଦ। ବିଦ୍ୟାଳୟକୁ ଯିବା ବନ୍ଦ। ଘର ସତେଯେମିତି ତା'ପାଇଁ ବନ୍ଦୀ ଗୃହରେ ପରିଣତ ହୋଇଗଲା। ଲାଡ୍ ?ଲି ଜଣିପାରୁଥିଲା ତା'ର ଭବିଷ୍ୟତ କଣ ହେବ, କାରଣ ଜଣେ ଶିଶୁ ଅଧିକାର କର୍ମୀ ଆସି କହିଥିଲେ ଏପରି ଦୃଶ୍ୟ ହେଉଛି ବାଲ୍ୟବିବାହର ପୂର୍ବାବସ୍ଥା, ଯାହା ଜୀବନ, ସୁଖ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସମୟ ଛଡାଇନିଏ। ଏମିତି କାହାରି ହେଉଥିବା ଜାଣିଲେ ଚାଇଲ୍ଡ୍ ହେଲ୍‌ପଲାଇନକୁ ଫୋନ୍ କରିବ ।

ଲାଡ୍‌ଲି ସୁଯୋଗ ପାଇ ତା' ମାଆଙ୍କ ଫୋନ୍ ?ରୁ ଚାଇଲ୍ଡ୍ ହେଲ୍‌ପଲାଇନ ନମ୍ବର ୧୦୯୮କୁ ଫୋନ୍ କରି ସବୁକଥା କହିଲା। ଏହାପରେ ଉଦ୍ଧାର କାର୍ଯ୍ୟ ଓ ଥଇଥାନ ହେଲା। ଲାଡ୍‌ଲିର ବାଲ୍ୟବିବାହ ବନ୍ଦ ହେଲା ସତ, କିନ୍ତୁ ଏବେ ବି ଲାଡଲି ପରି ଅନେକ ବାଳିକା ଏମିତି ବାଲ୍ୟ ବିବାହର ଜାଲରେ ଛନ୍ଦି ହୋଇ ମାନସିକ ଓ ଶାରୀରିକ କଷ୍ଟ ପାଇବା ସହିତ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଏ ପରିସ୍ଥିତି ପରେ ଲାଡ୍‌ଲିର ମନ ଭିତରେ ନିଜ ଲୋକମାନଙ୍କ ପ୍ରତି ଡର, ସାମାଜିକ ବ୍ୟବସ୍ଥା ପ୍ରତି ଅବିଶ୍ୱସନୀୟତା, ନିଜ ସମ୍ପର୍କୀୟମାନେ ବିଶ୍ୱାସଘାତକ ବୋଲି ଧାରଣା ସୃଷ୍ଟି ହୋଇଗଲା। ଅନ୍ୟ ଏକ ଘଟଣାରେ ସନ୍ତୋଷବାବୁଙ୍କର ଦୁଇଟି ଝିଅ। ବଡ଼ଝିଅର ବାହାଘର କରିବେ ଓ ଭଲ ଜ୍ୱାଇଁ ପୁଅଟିଏ ମିଳିବ ବୋଲି ତାଙ୍କର କେତେ ଆଶା। ସେଥିପାଇଁ ଝିଅର ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା, ଷ୍ଟାଟସକୁ ବିଚାରକୁ ନେଇ ଯେଉଁ ଜ୍ୱାଇଁ ଖୋଜୁଥିଲେ ତାହା ସମାଜରେ ବିରଳ। ଏମିତି ଜ୍ୱାଇଁ ଖୋଜୁ ଖୋଜୁ ଝିଅର ବୟସ ଚାଳିଶ ପାର। ଆଉ କିଏ ବାହାହେବ ? ନାନାକଥା ଟାହିଟାପରା ଶୁଣିଲେ ସନ୍ତୋଷବାବୁ। କିଏ କହିଲା ଚାଖି ଚାଖି ଚାଳିଶ ତ ଆଉ କିଏ କହୁଥିଲା ଚୋପା ଛଡ଼ାଇ ଛଡ଼ାଇ ଚୋପାଛଡ଼ା। ସନ୍ତୋଷବାବୁ ମନେମନେ ଭାବୁଥିଲେ ଝିଅ ବାହାଘର ପାଇଁ ପ୍ଲାନିଂ ବଡ଼ କଥା।

କ୍ୟାରିଅର, ଯୋଗ୍ୟତା, ଶିକ୍ଷା, ବୟସ, ବିବାହ, ଚାକିରି ସର୍ବୋପରି ତା'ର ଇଚ୍ଛାକୁ ସମ୍ମାନ ଦେଇ ସମୟୋଚିତ ନିଷ୍ପତ୍ତି ଝିଅଟିକୁ ବୈବାହିକ ତଥା ଉପଯୁକ୍ତ ଜୀବନସାଥୀ ଦେଇପାରିଥାନ୍ତା। ତେବେ ଏକ ମଧ୍ୟସ୍ଥର ସାହାରା ନେଇ ଶେଷରେ ଜଣେ ଦ୍ୱିତୀୟ ବିବାହିତ ପୁରୁଷ ସହିତ ଅନେକ ଡେରିରେ ବିବାହ କରାଇଲେ। ଏଠି କଥା ଉଠୁଛି ଝିଅର ମାନସିକତା କ'ଣ ହେଉଥିବ। ଯେଉଁ ସମୟରେ ଯେଉଁ କଥା ତାହା ହୋଇପାରିଲା ନାହିଁ। ଏହାକୁ ଦେଖି ବିଜୟବାବୁ କହିଲେ ହଉ ଭାଇ ଜାତିରେ ଝିଅ ମିଳୁ ନାହାନ୍ତି ବୋଲି ଜାଣିଜାଣି ଝିଅକୁ ବୁଢ଼ୀ କରିଦେଲ ? ଦେଖ ମୁଁ କ'ଣ କରିଛି ? ଝିଅ ବାହାଘର ପାଇଁ ମଧ୍ୟସ୍ଥିକୁ ଟିପ୍ପଣୀ ଦେଇ କହିଲି ମୁଁ ଦେବିନି ନେବି। ମଧ୍ୟସ୍ଥ ଏକ ବରପାତ୍ର ଯୋଗାଡ଼ କଲା, ଯିଏ ପାଞ୍ଚଲକ୍ଷ ଦେଇ କନିଆ ଘରର ଭୋଜିଭାତ, ଅଳଙ୍କାର, ସାଜସଜ୍ଜା ଖର୍ଚ୍ଚ ବହନ କରି ଝିଅର ହାତ ଧରିଲା। ତେବେ ମିଳିବାର ମୋହରେ ଝିଅର ବିବାହ ବୟସ ଟିକେ ଗଡ଼ିଯାଇଥିଲେ ହେଁ ବିଜୟବାବୁଙ୍କ ଦୁଃଖ ନଥିଲା। କରଣ ସେ କହୁଥିଲେ ଟିକେ ବାର୍‌ଗେନ୍ କଲେ ସିନା ବେନିଫିଟ ମିଳିବ। ଏପଟେ ମାଆବାପାଙ୍କ ଏପରି କାର୍ଯ୍ୟକଳାପ ଦେଖି ବିଜୟବାବୁଙ୍କ ସାନଝିଅ ଚମ୍ପା ଯୁକ୍ତ ୨ ପଢିବାବେଳେ କଲେଜର ଏକ ସାଙ୍ଗ ସହିତ ଚମ୍ପଟ। ବିବାହର ଦୁଇ ବର୍ଷ ପରେ ପୁଣି ଝିଅ ଆସି ବିଜୟବାବୁଙ୍କ ପାଖରେ। କରଣ ହେଉଛି ଝିଅପୁଅ ଖାପଖୁଆଇ ଚଳିପାରିଲେ ନାହିଁ। ଫେରିଆସିଲା ଝିଅ ପୁଣି ବିଜୟବାବୁଙ୍କ ପାଖକୁ। ବଡ଼ କଷ୍ଟରେ ଅଙ୍ଗନୱାଡି କର୍ମୀଙ୍କ ପରାମର୍ଶରେ ତା'ର ପୁନର୍ବିବାହ କରାଇଲେ। ଏମିତି ଅନେକ ଘଟଣା ଆଜିକାଲି ଖବରକାଗଜରେ ପଢ଼ିବାକୁ ମିଳୁଛି। ଏ ଅସନ୍ତୁଳନ ବାସ୍ତବରେ ବିପଦ। ସମାଜକୁ କୁଆଡେ ନେଉଛି ତାହା ବିଚାରଯୋଗ୍ୟ। ଏପରି ଘଟଣାରେ ମାତାପିତା, ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମାଜରେ ବାଳିକାମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ହେଲାଣି। ପାଠ ପଢ଼ିବାଠାରୁ ବିବାହ ଖର୍ଚ୍ଚ ପର୍ଯ୍ୟନ୍ତ ବ୍ୟବସ୍ଥା ହେଲାଣି। ତଥାପି ସମାଜ ଓ ପରିବାରରେ ଅସନ୍ତୁଳନ ଦାୟିତ୍ୱ, କର୍ତ୍ତବ୍ୟ, ମାନସିକତାକୁ ନେଇ ବାଳିକାମାନେ ଦ୍ୱନ୍ଦ୍ୱରେ ପଡ଼ି ହଇରାଣ ହରକତ ହୁଅନ୍ତି। ତାଙ୍କୁ ମାର୍ଗଦର୍ଶନ କରିବା ଦୂରର କଥା ସେମାନଙ୍କୁ ବିପଦକୁ ଠେଲିଦେଉଛନ୍ତି ପାଖରେ ରହୁଥିବା, ଲାଳନପାଳନ କରୁଥିବା ବ୍ୟକ୍ତିବିଶେଷ ଓ ସମ୍ପର୍କୀୟ। ମାତାପିତା ବା ସମ୍ପର୍କୀୟ ଲୋଭ, ସ୍ୱାର୍ଥରେ ପଡି ବାଳିକାର କିଣାବିକା, ଚାଲାଣ କରିବାକୁ ବି ପଛାଉ ନାହାନ୍ତି। ଯଦିଓ ମାତାପିତାଙ୍କ ଦୁର୍ବଳ ମାନସିକତା, ଅଶିକ୍ଷା, ପାରମ୍ପରିକ ସାମାଜିକ ବ୍ୟବସ୍ଥା ଏଥିପ୍ରତି ଦାୟୀ ତଥାପି ସାମାଜିକ ଉନ୍ନତି ଓ ଅଭିବୃଦ୍ଧିରେ ନିଜ ଝିଅକୁ ନିଜ ଗୋଡରେ ଠିଆ କରାଇ ମନଲାଖି ବରପାତ୍ର ଯୋଗାଡ଼ କରିବା, ପାରିବାରିକ ଭିତ୍ତିଭୂମିକୁ ଅନୁଧ୍ୟାନ କରିବା, ଆଇନଗତ ଦିଗକୁ ଲକ୍ଷ୍ୟ କରିବା, ସମାନ ମାନସିକତା ଆଧାରିତ ପରିବାର, ଝିଅପୁଅଙ୍କୁ ପରଖିବାରେ ଅଭିଭାବକଙ୍କ ଗୁରୁତ୍ୱପୁର୍ଣ୍ଣ ଭୂମିକା ରହିଛି।

# ସାମ୍ରାଜ୍ୟବାଦର ନଗ୍ନ ରୂପ

ରାଜୀବ ଜେନା

ଶୀତଳ ଯୁଦ୍ଧର ଅବସାନ ପରେ ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଯେ ବହୁଗୁଣା ବଢ଼ିଯାଇଛି, ଏଥିରେ କେହି ଦ୍ୱିମତ ହେବେ ନାହିଁ। କେତେକ ରାଷ୍ଟ୍ରରେ ସାମରିକ ଶକ୍ତି ପ୍ରୟୋଗ ସହିତ ସେଠାକାର ସରକାରକୁ ଗାଦିଚ୍ୟୁତ କରିବା, ରାଷ୍ଟ୍ର ନାୟକଙ୍କୁ ହତ୍ୟା କରିବା, ନିଜର ସଖୀ କଣ୍ଢେଇ ସରକାର ପ୍ରତିଷ୍ଠା କରିବା ଆଦି ଅପକୀର୍ତ୍ତିମାନ ଆମେରିକା ଅର୍ଜନ କରିଛି। ୧୯୯୧ରେ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିଥିବା ଅଭିଯୋଗ ଆଣି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡବ୍ଲ୍ୟୁ ଏଚ୍ ବୁଶ୍ ଇରାକ୍ ଉପରେ ଆକ୍ରମଣ କରିଥିଲେ ଏବଂ ସେଠାକାର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଯାଇଥିଲା। ଠିକ୍ ସେହି କୌଶଳ ଅବଲମ୍ବନ କରି ଭେନେଜୁଆଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଅପହରଣ କରିନେଲେ ଡୋନାଲ୍ଡ ଟ୍ରମ୍ପ୍।

୧୯୮୯ରେ ପାନାମା, ୧୯୯୩ରେ ସୋମାଲିଆ, ୨୦୦୦ରେ ୟେମେନ୍, ୨୦୧୧ରେ ଲିବ୍ୟା ଆଦି ଦେଶ ଉପରେ ଆକ୍ରମଣ କରି ସେବସୁ ଦେଶର ଶାସନରେ ହସ୍ତକ୍ଷେକ୍ଷ କରିଥିଲା ଆମେରିକା। ନିକଟ ଅତୀତରେ ଇରାନ୍ ଉପରେ ଆକ୍ରମଣ କରି ସାମ୍ରାଜ୍ୟବାଦୀ ଚରିତ୍ରର ପୁନରାବୃତ୍ତି କଲା। ଏବେ ଇରାନ୍‌ରେ ଚାଲିଥିବା ବିକ୍ଷୋଭରେ ଆନ୍ଦୋଳନକାରୀଙ୍କୁ ସରକାରୀ ଅଫିସ ଦପ୍ତର ଦଖଲ କରିବାକୁ ଟ୍ରମ୍ପ୍ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଗୋଟିଏ ଦେଶର ରାଷ୍ଟ୍ରପତି ଅନ୍ୟ ଗୋଟିଏ ସାର୍ବଭୌମ ଦେଶର ଆନ୍ଦୋଳନକୁ ଉସୁକାଇ ବାର୍ତ୍ତା ଦେବା ବିଶ୍ୱ ଇତିହାସରେ ବିରଳ। ଏହା ସହିତ ଦୀର୍ଘ ତିନି ବର୍ଷ ଧରି ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ୟୁକ୍ରେନକୁ ପରୋକ୍ଷ ସହଯୋଗ, ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଆକ୍ରମଣକୁ ସମର୍ଥନ ଆଦି ଘଟଣା ସାମ୍ରାଜ୍ୟବାଦର ନଗ୍ନରୂପକୁ ପରିପ୍ରକାଶ କରିଛି। ଗତ ୫୦ ବର୍ଷ ଭିତରେ ୮୪ଟି ଦେଶ ଉପରେ ୪୦୦ ଥର ଆକ୍ରମଣ କରିଛି ଆମେରିକା। ବିଶ୍ୱର ୮୦ଟି ଦେଶରେ ପ୍ରତିଷ୍ଠା କରିଥିବା ୮୭୭ଟି ସାମରିକ ଘାଟିକୁ ଏଥିପାଇଁ ନିୟୋଜିତ କରିଛି। ନିକଟରେ ବ୍ରିଟେନ୍‌ର ସାମରିକ ଘାଟିକୁ ବ୍ୟବହାର କରି ରୁଷ୍‌ର ତୈଳବାହୀ ଜାହାଜକୁ ଆମେରିକା ଅପହରଣ କରିଛି। ଭିଏତ୍‌ନାମ ଓ ଆଫଗାନିସ୍ତାନ ସହ ଯୁଦ୍ଧ କରି ନିଜ ଛେପକୁ ନିଜେ ଢୋକିଛି। ଏସବୁ ସତ୍ତ୍ୱେ ତା' ଚରିତ୍ରର କୌଣସି ପରିବର୍ତ୍ତନ ଘଟି ନାହିଁ। ଗୋଟିକ ପରେ ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରେ ଲାଗିଛି।

ଭେନେଜୁଆଲା ଦକ୍ଷିଣ ଆମେରିକାର ଏକ ସ୍ୱାଧୀନ ରାଷ୍ଟ୍ର। ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଦସ୍ୟୁ ପରି ଅପହରଣ କରିବା, ହାତରେ କଡ଼ି ପକାଇ ନ୍ୟୁୟର୍କ ଜେଲ୍‌କୁ ନେଇଯିବା ଆଦି ଘଟଣା ମଧ୍ୟଯୁଗୀୟ ବର୍ବରତା। ଏହା ଆନ୍ତର୍ଜାତିକ ଆଇନର ଖୋଲା ଉଲ୍ଲଂଘନ। ସାରା ବିଶ୍ୱରେ ଏପରିକି ଆମେରିକାରେ ମଧ୍ୟ ଏହାର ପ୍ରତିବାଦରେ ଜୋରଦାର ବିକ୍ଷୋଭ ସଂଗଠିତ ହୋଇଛି। ଚାଇନା, ରୁଷ୍, କଲମ୍ବିଆ, ବ୍ରାଜିଲ୍ ଓ ଉତ୍ତରକୋରିଆ ସମେତ ମିଳିତ ଜାତିସଂଘ ଏହାକୁ ନିନ୍ଦା କରିଛନ୍ତି। ମାତ୍ର ଇସ୍ରାଏଲ୍ ଓ ବ୍ରିଟେନ୍ ଏହାକୁ ସମର୍ଥନ କରିଛନ୍ତି। ଭାରତ ଏହାକୁ ନିନ୍ଦା ନ କରି 'ସମ ଦୂରତା' ନୀତି ପ୍ରୟୋଗ କରିଛି। ଦୁର୍ଭାଗ୍ୟ !

ଏଠାରେ ଜର୍ମାନୀର ବିଶିଷ୍ଟ କବି ମାର୍ଟିନ୍ ନିମୋଲର୍‌ଙ୍କ ବିଶ୍ୱ ବିଖ୍ୟାତ କବିତା 'ଫାଷ୍ଟ ଦେ କମ୍'ର କେତୋଟି ପଂକ୍ତିକୁ ଉଦ୍ଧାର କରାଯାଇପାରେ। ହିଟ୍‌ଲର୍‌ଙ୍କ ଶାସନକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଥିଲେ- "ସେମାନେ ବାନ୍ଧିନେଲେ ସମାଜବାଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ସମାଜବାଦୀ ନ ଥିଲି। ତା'ପରେ ସେମାନେ ବାନ୍ଧିନେଲେ ଶ୍ରମିକଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଶ୍ରମିକ ନଥିଲି। ତା'ପରେ ସେମାନେ ବାନ୍ଧିନେଲେ ଇହୁଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଇହୁଦୀ ନଥିଲି। ଶେଷକୁ ସେମାନେ ମୋତେ ବାନ୍ଧିନେଲେ/ ମାତ୍ର ମୋ ପାଇଁ ପଦେ କହିବାକୁ କେହି ନଥିଲେ।"

ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଏମିତି ଅବସ୍ଥାରେ ଆସି ପହଞ୍ଚିଛି ଯେ, ଗୋଟିଏ ପରେ ଗୋଟିଏ ରାଷ୍ଟ୍ରକୁ ସେ ଆକ୍ରମଣ କରିବାରେ ଲାଗିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକ ନୀରବଦ୍ରଷ୍ଟା ସାଜିଲେ କବି ନିମୋରଙ୍କ କବିତାର ପଂକ୍ତି ଯେ ବାସ୍ତବ ରୂପ ନ ନେବ, ଏକଥା ଅବିଶ୍ୱାସ୍ୟ ନୁହେଁ।

ଭେନେଜୁଆଲାର ତୈଳ ଭଣ୍ଡାରକୁ କରାୟତ୍ତ କରିବାକୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲେ ମଧ୍ୟ ଟ୍ରମ୍ପ୍ ବର୍ତ୍ତମାନ ହରଡ଼ଘଣାରେ। ଆମେରିକୀୟ ତୈଳ କମ୍ପାନୀମାନେ ଏକ ଅନିଶ୍ଚିତ ଭବିଷ୍ୟତକୁ ଆଶଙ୍କା କରି ସେଠାରେ ପୁଞ୍ଜି ନିବେଶ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଆର୍ଥିକ୍ ଅବସ୍ଥା ସଙ୍କଟଜନକ। କର୍ମଚାରୀମାନଙ୍କୁ ବେତନ ଦେବାକୁ ଟ୍ରମ୍ପ୍ ପ୍ରଶାସନ ଅକ୍ଷମ। ହ୍ୱାଇଟ୍ ହାଉସ୍‌ର କର୍ମଚାରୀମାନଙ୍କ ଦରମା ବନ୍ଦ। ଦେଶରେ ବେରୋଜଗାରି ସଂଖ୍ୟା ଶତକଡ଼ା ୯ରେ ପହଞ୍ଚିଛି। ସେଥିଯୋଗୁ ବାହାର ଦେଶର ନାଗରିକମାନଙ୍କୁ ଆମେରିକାରୁ ବିଦା କରାଯାଉଛି। ପାଣି ଅଭାବକୁ ଦୃଷ୍ଟିରେ ରଖି ଜାତିସଂଘ ସମେତ ଅନ୍ୟ ବୈଶ୍ୱିକ ସଂସ୍ଥାର ୬୯ଟି ଚୁକ୍ତିରୁ ଆମେରିକା ନିକଟରେ ଓହରି ଯାଇଛି। ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଯ୍ୟକଳାପ ଉନ୍ମାଦ ପ୍ରାୟ ! ଏକଦା ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଲୋକଟି ବୋମା ବନ୍ଧୁକରେ କଥା କହୁଛନ୍ତି ! ଗୋଟିଏ ପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନ୍ତରଙ୍ଗ ବନ୍ଧୁ କହି ଅନ୍ୟ ପଟେ ପାକିସ୍ତାନର ସେନାଧକ୍ଷ ମୁନିର୍‌ଙ୍କୁ ଆଲିଙ୍ଗନ କରୁଛନ୍ତି। ଭାରତ ଉପରେ ବାଣିଜ୍ୟିକ ଶୁଳ୍କ କ୍ରମାଗତ ବଢ଼ାଇଚାଲିଛନ୍ତି। ଟ୍ରମ୍ପ୍‌ଙ୍କ ଏ ଧରଣର ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଓ ଉତ୍ତେଜନା ଦେଖାଦେଇଛି। କ'ଣ କେତେବେଳେ ଘଟିଯିବ ତାହାର କିଛି ଇୟତ୍ତା ନାହିଁ। ଭାରତ ଯେପରି ପ୍ରତିବାଦଶୂନ୍ୟ ନୀତି ଆପଣେଇଛି, ତାହାର ପରିଣତି ମଧ୍ୟ ଶୁଭଙ୍କର ନୁହେଁ। ଏଭଳି ପରିସ୍ଥିତିରେ ଶାନ୍ତିକାମୀ ଜନଗଣ ଚୁପ୍ ନ ରହି ସ୍ୱର ଉତ୍ତୋଳନ କରିବା ଦରକାର। ସାମ୍ରାଜ୍ୟବାଦର ପ୍ରତିରୋଧ ନିମିତ୍ତ ସବୁମନ୍ତେ ଉଦ୍ୟମ ହେବା ଜରୁରୀ।

# ବୁଦ୍ଧି ବିସ୍ଫୋଟ

ବିଜ୍ଞାନ ଦୃଷ୍ଟିରେ ୨୦୨୬କୁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରେ ଦଣ୍ଡାୟମାନ ଥିବାର ଦେଖିବାକୁ ମିଳିଛି। ଏଆଇ ନାମରେ କୃତ୍ରିମ ବୁଦ୍ଧିମତ୍ତା ସମଗ୍ର ବିଶ୍ୱକୁ ବଦଳାଇ ଦେବାର ସାମର୍ଥ୍ୟ ନେଇ ବିଶ୍ୱର ମାନବ ସମ୍ବଳ ଉପରେ କୋପ ଦୃଷ୍ଟି ନିକ୍ଷେପ କରିଛି। ଏଆଇ ଯେତିକି ଦ୍ରୁତ ବେଗରେ ଆମ ଜୀବନ ଶୈଳୀକୁ ପ୍ରଭାବିତ କରୁଛି ଏହା ଦ୍ୱାରା ଏକଥା ସତ୍ୟ ଯେ ଆଗାମୀ ସମୟ ସମ୍ପୂର୍ଣ୍ଣ ରୋବୋ ଦ୍ୱାରା ପରିଚାଳିତ ହେବାକୁ ଯାଉଛି। ବିଶେଷ କରି ହ୍ୟୁମାନୋଏଡ ରୋବୋଗୁଡିକୁ ନେଇ ବିଜ୍ଞାନ ଅଧିକ ଉତ୍ସାହିତ ଅଛି। ଏହି ହ୍ୟୁମାନୋଏଡ ରୋବୋ କଲକାରଖାନାରୁ ବାହାରି ଆମମାନଙ୍କ ଘର ଓଳେଇବା, ରୋଷେଇ କରିବା, ଜଗୁଆଳି ରହିବା, ଲୁଗାସଫା କରିବା ଇତ୍ୟାଦି ନିତ୍ୟ କାମ କରିବାକୁ ଯାଉଛି ଓ ଏଥିପାଇଁ ଅନେକ ବିଶ୍ୱସ୍ତରୀୟ କମ୍ପାନୀ ଆଗେଇ ଆସିଲେଣି। ଯଦି ଏହା ହୁଏ ତା'ହେଲେ ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଲବ ପରେ ଏହା ବିଜ୍ଞାନର ଏକ ବଡ଼ ବିପ୍ଲବ କହିଲେ ଭୁଲ୍ ହେବନାହିଁ। ଏହାକୁ ନେଇ ସବୁଠୁ ବଡ଼ ବିପଦ ମାନବ ସମାଜର ସୁରକ୍ଷା ଉପରେ, ଯାହା 'ଏଆଇ-୨୦୨୭' ନାମକ ରିପୋର୍ଟରେ ସମଗ୍ର ବିଜ୍ଞାନ ଜଗତରେ ଏକ କୋକୁଆ ଭୟ ସୃଷ୍ଟି କରିଛି। ଡାନିଏଲ କୋକୁଟାଯିଲୋ ନାମକ ଜଣେ କମ୍ପ୍ୟୁଟର ବୈଜ୍ଞାନିକ ଏଆଇ -୨ ନାମରେ ଏକ ଗବେଷଣା ରିପୋର୍ଟ ପ୍ରକାଶ କରି ଦାବି କରଛନ୍ତି ଯେ ଆସନ୍ତା କିଛି ବର୍ଷ ଭିତରେ ସମଗ୍ର ମାନବ ସଭ୍ୟତା ଏଆଇ ଯୋଗୁଁ ଲୋପ ପାଇଯିବ। ଏହି ଭବିଷ୍ୟବାଣୀ ପରୀ କାହାଣୀ ପରି ଲାଗୁଥିଲେ ମଧ୍ୟ ଯେଉଁ ଦ୍ରୁତ ଗତିରେ ଏଆଇ ମଣିଷର ଗାଣିତିକ କ୍ଷମତାକୁ ପଛରେ ପକାଇ ମାଡି ଚାଲିଛି, ତାହା ସତ ହୋଇପାରେ। ବିଜ୍ଞାନର ଚମତ୍କାର ଯେଉଁ ଏଆଇକୁ ଜନ୍ମ ଦେଇଛି ତାହା ଦିନକୁ ଦିନ ଅତି ବୁଦ୍ଧିମାନ ଓ ଶକ୍ତିଶାଳୀ ହେବାକୁ ଲାଗିଛି ଯେ ଭିବିଷ୍ୟତରେ ମଣିଷ ଏହାର ପ୍ରଥମ ଶିକାର ହୋଇପାରେ। ମଣିଷର ମସ୍ତିଷ୍କ ନିଜର ବିକାଶ ପାଇଁ ଖାଦ୍ୟ ଆବଶ୍ୟକ କରୁଥିବା ବେଳେ ଏହି ଯାନ୍ତ୍ରିକ ବୁଦ୍ଧିମତ୍ତା ନିଜର ବିଚକ୍ଷଣ ବୁଦ୍ଧିକୁ ପ୍ରଖର କରିବା ପାଇଁ ସର୍ବଦା ତଥ୍ୟ ପାଇଁ ଆତୁର ଥାଏ। ତେଣୁ ମଣିଷ ନିଜର ଆତ୍ମ ଚେତନା ବିକାଶ ପାଇଁ ବେଶ୍ ଦୀର୍ଘ ସମୟ ନେଉଥିବା ବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଏହି ଯାନ୍ତ୍ରିକ ହ୍ୟୁମାନୋଏଡ ରୋବୋଗୁଡିକ ନିମିଷକେ ଚେତନାପ୍ରାପ୍ତ କରିନେବେ। ଏଆଇର ବିବେକ ଶୁନ୍ୟ ପ୍ରଖର ବୁଦ୍ଧି ଜାଣି ପାରେନା 'ମୁଁ' କିଏ ଓ ସେ ମାନବର ଚେତନା ଯୁକ୍ତ ବୁଦ୍ଧିକୁ ନକଲ କରି ଘୋର ବିପର୍ଯ୍ୟୟ ସୃଷ୍ଟି କରିପାରେ। ତେଣୁ ବିଜ୍ଞାନ ଏକ ଏପରି ଚମତ୍କାର ପ୍ରସ୍ତୁତ କରି ସାରିଛି ଯିଏ ମଣିଷକୁ ନକଲ କରି ଧୋକା ଦେବା ସଙ୍ଗେ ସଙ୍ଗେ ପ୍ରତିରୋଧ ମଧ୍ୟ କରିପାରେ। ବିଜ୍ଞାନର ଏହି ଜୟଯାତ୍ରା ଯୋଗୁ ୨୦୨୭ ବେଳକୁ ଅନେକ ଦେଶରେ ଏଆଇକୁ ବିରୋଧ କରି ବ୍ୟାପକ ଜନ ଆନ୍ଦୋଳନ ହେବାର କୁହାଯାଉଛି।

ଜାତୀୟ ଚେତନା
JATIYA CHETANA



# ଆରମ୍ଭ ହେଲା ରାଜ୍ୟସଭା ନିର୍ବାଚନ ପ୍ରକ୍ରିୟା



ଭୁବନେଶ୍ୱର,(ଜା.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତର ନିର୍ବାଚନ ଆୟୋଗ(ଇସିଆଇ) ଓଡ଼ିଶା ସମେତ ୧୦ ରାଜ୍ୟମାନଙ୍କର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରସ୍ତୁତି ପାଇଁ ଚିଠି ଲେଖିଛନ୍ତି। ରିଟର୍ଣ୍ଣିଂ ଅଫିସର, ସହାୟକ ରିଟର୍ଣ୍ଣିଂ ଅଫିସର, ଭୋଟ୍ ଗ୍ରହଣ ସ୍ଥାନ ଏବଂ ବାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଧାନସଭା ସଚିବାଳୟକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଚିଠିରେ କୁହାଯାଇଛି ରାଜ୍ୟସଭାରେ ୨୦୨୬ ଏପ୍ରିଲରେ ଅବସର ଗ୍ରହଣ କରୁଥିବା ସଦସ୍ୟମାନଙ୍କ ଯୋଗୁଁ ୧୦ଟି ରାଜ୍ୟରୁ ମୋଟ୍ ୩୭ଟି ଆସନ ଖାଲି ହେବ। ଏହି ଖାଲି ଆସନଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର ୭ଟି, ଓଡ଼ିଶାରେ ୪ଟି, ତାମିଲନାଡୁରେ ୬ଟି, ପଶ୍ଚିମବଙ୍ଗରେ ୫ଟି, ତେଲଙ୍ଗାନାର ୨ଟି, ଆସାମର ୩ଟି, ବିହାରର ୬ଟି, ଛତିଶଗଡ଼ର ୨ଟି, ହରିୟାଣାର ୨ଟି ଆସନ, ହିମାଚଳ ପ୍ରଦେଶର ଗୋଟିଏ ଆସନ ରହିଛି। ତେଣୁ ଏହି ନିର୍ବାଚନ ପ୍ରକ୍ରିୟା ପାଇଁ ରିଟର୍ଣ୍ଣିଂ ଅଫିସର ଏବଂ ସହାୟକ ରିଟର୍ଣ୍ଣିଂ ଅଫିସରଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବ ମାଗାଯାଇଛି। ଅଧିକାରୀମାନଙ୍କ ଟେଲିଫୋନ୍ ନମ୍ବର, ମୋବାଇଲ୍ ନମ୍ବର, ଫ୍ୟାକ୍ସ ନମ୍ବର ଏବଂ ଇ-ମେଲ୍ ଆଇଡି ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଏହା ସହିତ ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟବହାର ହେବାକୁ ଥିବା ବ୍ୟାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଏହି ପ୍ରସ୍ତାବ ସବୁ ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ପାଇଥିବାରୁ ନିର୍ବାଚନ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବା ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ରାଜ୍ୟସଭା ନିର୍ବାଚନ ନେଇ ନିର୍ବାଚନ କମିଶନଙ୍କ ପ୍ରସ୍ତୁତି ଆରମ୍ଭ ହେବା ପରେ ଓଡ଼ିଶା ରାଜ୍ୟ ରାଜନୀତି ଏବେ ସରଗରମ। ଆସନ୍ତା ଏପ୍ରିଲରେ ସରୁଛି ୪ ରାଜ୍ୟସଭା ସାଂସଦ ମୁନା ଖାଁ, ନିରଞ୍ଜନ ବିଶି, ମମତା ମହନ୍ତ, ସୁଜିତ କୁମାରଙ୍କ କାର୍ଯ୍ୟକାଳ । ଏସବୁ ସିଟରେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନ। ୪ ଆସନରୁ ଉଭୟ ବିଜେଡି ଏବଂ ବିଜେପିର ଦୁଇ ଜଣ ଲେଖାଏଁ ସାଂସଦ ରହିଛନ୍ତି। କିନ୍ତୁ ନିର୍ବାଚନ ଗଣିତ କହୁଛି ୪ ଆସନ ମଧ୍ୟରୁ ଶାସକ ଦଳ ଖାତାକୁ ୨ଟି ଏବଂ ମୁଖ୍ୟ ବିରୋଧୀ ଦଳ ବିଜେଡି ଖାତାକୁ ଗୋଟିଏ ଆସନ ଯିବ। ଚତୁର୍ଥ ଆସନ ପାଇଁ କାହା ପାଖରେ ବି ଆବଶ୍ୟକୀୟ ସଂଖ୍ୟା ନାହିଁ। ବିଜେପିରୁ ୨ଟି ଆସନରେ ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ନେତା ସମୀର ମହାନ୍ତି, ଗୋଲକ ମହାପାତ୍ର, ବସନ୍ତ ପଣ୍ଡା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ନାଁ ଚର୍ଚ୍ଚାରେ ଥିବା କୁହାଯାଉଛି। ଅନ୍ୟପଟେ ବିଜେଡି ଆସନରେ ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା ଯିବା ନେଇ ବି ଚର୍ଚ୍ଚା ବଢ଼ିଛି। ତାଙ୍କ ବାଦ ନବୀନଙ୍କ ରାଜନୈତିକ ପରାମର୍ଶଦାତା ସଂତୃପ୍ତ ମିଶ୍ର ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ସନ୍ତୋଷ ଶତପଥୀଙ୍କ ନାଁ ବି କୁହାଯାଉଛି। ସେହିପରି ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନାଙ୍କ ଭଳି ନେତା ମଧ୍ୟ ରାଜ୍ୟସଭା ଯିବା ପାଇଁ ଆଶାବାଦୀ ଥିବା ଚର୍ଚ୍ଚା ହେଉଛି। କିନ୍ତୁ ସବୁଠୁ ରୋଚକ ହେବ ଚତୁର୍ଥ ଆସନ। ଶାସକ ଦଳ ଏହି ଆସନ ହାତେଇବା ପାଇଁ କଳ ବଳ କୌଶଳ ଲଗାଇପାରେ। ଏହା ବାଦ ଦିଲ୍ଲୀପ ରାୟ ଏବଂ ଡିଆର ପଟ୍ଟନାୟକଙ୍କ ନାଁ ବି ଚତୁର୍ଥ ଆସନ ପାଇଁ ଚର୍ଚ୍ଚାରେ ରହିଛି। ଚତୁର୍ଥ ଆସନରେ ଯିଏ ପ୍ରାର୍ଥୀ ହେବ, ବିଜେଡି କନ୍ଦଳର ଫାଇଦା ନେଇପାରେ ଅର୍ଥାତ କ୍ରସ୍ ଭୋଟିଂ ବି ହୋଇପାରେ ବୋଲି କୁହାଯାଉଛି। ନିକଟରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ ପଛରେ ଏପରି ଏକ ସମୀକରଣ ଥିବା ନେଇ କହିଛନ୍ତି ରାଜନୈତିକ ସମୀକ୍ଷକ।

# ଆକାଉଣ୍ଟକୁ ଆସିଲା ସୁଭଦ୍ରା ଟଙ୍କା

ଭୁବନେଶ୍ୱର,(ଜା.ପ୍ର): ରିମୋଟ୍ ଚିପିଲେ ମୁଖ୍ୟମନ୍ତ୍ରୀ, ଆକାଉଣ୍ଟକୁ ଗଲା ସୁଭଦ୍ରା ଟଙ୍କା । ନୂଆ ଏବଂ ବାଦ୍ ପଡ଼ିଥିବା ହିତାଧିକାରୀ ପାଇଲେ ଟଙ୍କା। ପ୍ରାୟ ୪ ଲକ୍ଷ ୫୭ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୧୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଗୁରୁବାର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା କିସ୍ତି ଟଙ୍କା ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୁଭଦ୍ରା ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଅବଶିଷ୍ଟ ଏବଂ ତୃତୀୟ କିସ୍ତି ପାଇନଥିବା ହିତାଧିକାରୀଙ୍କୁ ଏବଂ ନୂତନ ଭାବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଜୀକୃତ ହୋଇଥିବା ହିତାକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବାର୍ଷିକ ୧୧ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା 'ସୁଭଦ୍ରା' ହେଉଛି ସ୍ୱାଧୀନତା ପରବର୍ତ୍ତୀ ଓଡିଶାର ସର୍ବବୃହତ୍ ମହିଳା କୈନ୍ଦ୍ରିକ ଯୋଜନା, ଯେଉଁଥିରେ ୨୧ ରୁ ୬୦ ବର୍ଷ ବୟସର ୧ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ୫ ବର୍ଷ ମଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ମୋଟ ୫୦ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ସେଥିପାଇଁ 'ସୁଭଦ୍ରା' ଓଡ଼ିଶାର ସମସ୍ତ ମା' ଭଉଣୀଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଜ୍ୱଳନ୍ତ ନିଦର୍ଶନ। ଆମ ସରକାର ଆସିବାମାତ୍ରେ ପ୍ରଥମ ଦିନରେ ହିଁ ଏଥିପାଇଁ କ୍ୟାବିନେଟରେ ନିଷ୍ପତ୍ତି ହୋଇ ୨୦୨୪ ସେପ୍ଟେମ୍ବର ୧୭ରେ ପ୍ରଥମ କିସ୍ତି ଦିଆଯାଇଥିଲା। 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଉପସ୍ଥିତିରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିଲା ଏବଂ ଅଦ୍ୟାବଧି ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରି ସାରିଲୁଣି। ଏହି ଦୁଇଟି କିସ୍ତିକୁ ପ୍ରତି ବର୍ଷ ରାଖୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରେ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଯାହା କ୍ରମଶ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚଳିତ ବଜେଟରେ ରେକର୍ଡ ୮୯ ହଜାର ୮୬୨ କୋଟି ଟଙ୍କା କେବଳ ମା' ମାନଙ୍କ ପାଇଁ ପ୍ରାବଧାନ କରାଯାଇଛି। ଏହି ପ୍ରାବଧାନ ମୋଟ୍ ବଜେଟ ଆକାରର ପ୍ରାୟ ୩୦ ପ୍ରତିଶତ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳା ଟିଏ ନିଜ ବଳରେ ନିଜର ଉଦ୍ୟମିତା ଆରମ୍ଭ କରିପାରେ। ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ ହୋଇପାରିବ।ଏହି ଅବସରରେ ୫ ସଫଳ ସୁଭଦ୍ରା ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଏବଂ ସହାୟତା ରାଶି ଚେକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ଶ୍ରୀ ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଏବଂ ବିଭାଗୀୟ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ରାଜ୍ୟର ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ ତ୍ୱରାନ୍ୱିତ

ଭୁବନେଶ୍ୱର,(ଜା.ପ୍ର): ଚଳିତ ଖରିଫ ଋତୁରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରିତ ଭାବେ ଜାରି ରହିଛି। ରାଜ୍ୟର ୬ ଲକ୍ଷ ୯୩ ହଜାର ୯୭ ଜଣ ଚାଷୀଙ୍କଠାରୁ ୩୦ ଲକ୍ଷ ୪୯ ହଜାର ୫୬୦ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏପର୍ଯ୍ୟନ୍ତ ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗିର ଏବଂ ଝାରସୁଗୁଡ଼ା ଭଳି ଜିଲ୍ଲାଗୁଡ଼ିକ ସେମାନଙ୍କର ଲକ୍ଷ୍ୟର ୬୦ ପ୍ରତିଶତରୁ ଅଧିକ ଧାନ ସଂଗ୍ରହ କରିସାରିଛନ୍ତି। ସମ୍ବଲପୁର ଜିଲ୍ଲାରେ ୯୬ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟର ଧାନ ସଂଗ୍ରହ କରାଯାଇ ସାରିଲାଣି। ଏହି ଜିଲ୍ଲାରେ ଆଜି ସୁଦ୍ଧା ୬୧ ହଜାର ୬୫୦ ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ଶେଷ ହୋଇଛି ଯାହା ଗତବର୍ଷ ଆଜିସୁଦ୍ଧା ୫୬ ହଜାର ୮୩୧ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିଥିଲେ। ସେହିପରି, ସୁବର୍ଣ୍ଣପୁର ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୭୭ ପ୍ରତିଶତ ଧାନ ସଂଗ୍ରହ ହୋଇଛି ଏବଂ ଗତବର୍ଷ ଆଜିସୁଦ୍ଧା ୫୧ ହଜାର ୫ ଶହ ଚାଷୀ ଧାନ ବିକ୍ରୟ କରିଥିବା ବେଳେ ଚଳିତ ବର୍ଷ ୫୭ ହଜାର ୨୧୭ ଜଣ ଚାଷୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମରେ ମୋଟ ୪୭୬ଟି ମଣ୍ଡି କାର୍ଯ୍ୟକ୍ଷମ ଅଛି ଯେଉଁଥିରେ ୪୫,୨୫୫ ଜଣ ଚାଷୀ ଧାନ ବିକ୍ରୟ କରିପାରିଛନ୍ତି, ଗତ ବର୍ଷ ସମାନ ସମୟରେ ୧୮,୧୨୧ ଜଣ ଚାଷୀ ଧାନ ବିକ୍ରୟ କରିଥିଲେ। ରାୟଗଡ଼ାରେ ମଧ୍ୟ ୧୦,୪୯୦ ଜଣ ଚାଷୀ ଚଳିତ ଖରିଫରେ ଅଂଶଗ୍ରହଣ କରିଥିବା ଗତବର୍ଷ ୯୬୫୫ ଜଣ ଚାଷୀଙ୍କ ଠାରୁ ସେମାନଙ୍କର ଧାନ ସଂଗ୍ରହ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୭,୯୧୪.୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି।

# ଗୁଜରାଟରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଅନୁରୋଧ

ଭୁବନେଶ୍ୱର,(ଜା.ପ୍ର): ଗୁଜରାଟ ବିଶେଷ ଭାବରେ ସୁରଟରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟର ସାମାଜିକ ଏବଂ ଶିକ୍ଷାଗତ ବିକାଶ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଗୁଜରାଟରେ ଓଡ଼ିଆ ଭାଷା ଓ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସେ ହସ୍ତକ୍ଷେପ ଲୋଡ଼ିଛନ୍ତି। ସୁରଟରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଭାଷୀ ଜନସମୁଦାୟ ବସବାସ କରୁଛନ୍ତି, ଯେଉଁମାନେ ରାଜ୍ୟର ଶିଳ୍ପ ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି। ଓଡ଼ିଆ ଭାଷା ଏବଂ ସଂସ୍କୃତି ପ୍ରତି ସେମାନଙ୍କର ଆଗ୍ରହ ଏବଂ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଗୁଜରାଟରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଆ ଭାଷାର ଶିକ୍ଷଣ-ପ୍ରଶିକ୍ଷଣ ବିଦ୍ୟାଳୟ ସଂଖ୍ୟାରେ ବୃଦ୍ଧି କରାଗଲେ ତାହା ସ୍ୱାଗତଯୋଗ୍ୟ ହେବ ବୋଲି ସେ କହିଛନ୍ତି।

# ୨୦୩୬ ସୁଦ୍ଧା ୯୦ ପ୍ରତିଶତ ଚାଷ ଜମିକୁ ଜଳସେଚନ ସୁବିଧା

ଭୁବନେଶ୍ୱର,(ଜା.ପ୍ର): ଜଳର ସୁପରିଚାଳନା ବିନା କୃଷି, ଅର୍ଥନୈତିକ ଉନ୍ନତି ଓ ରାଜ୍ୟର ପ୍ରଗତି ଅସମ୍ଭବ। ପାଣି ପଞ୍ଚାୟତ ବ୍ୟବସ୍ଥା ଓଡ଼ିଶାର କୃଷି ଓ କୃଷକଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି। ତେବେ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟରେ ୯୦ ପ୍ରତିଶତରୁ ଅଧିକ ଚାଷଯୋଗ୍ୟ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ର ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏହାଛଡ଼ା ଆଗାମୀ ୫ ବର୍ଷ ମଧ୍ୟରେ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଲିଫ୍ଟ ଇରିଗେସନ, ମେଗା ଲିଫ୍ଟ ଓ ଆଡ଼ିବନ୍ଧ ନିର୍ମାଣ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳସେଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ପାଇଁ ଆଇଓଟି ସକ୍ଷମ ଡିଜିଟାଲ ଜଳମାପ ଏବଂ ମୃତ୍ତିକାର ଆଦ୍ରତା ଜାଣିବା ପାଇଁ ସେନ୍‌ସିଙ୍ଗ୍ ସିଷ୍ଟମ ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟକୁ ଅନୁବନ୍ଧିତ କରାଯାଇଛି। ଏଥି ସହିତ ପାଣି ପଞ୍ଚାୟତଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସହ ଏମ୍‌ଓୟୁ କରାଯାଇଛି।



ନୂଆପଡ଼ା ଜିଲ୍ଲାର ଚାନ୍ଦପାଲାରେ ୨,୫୬୭ ହେକ୍ଟର ଜମିକୁ ଆଧୁନିକ ଜଳ ଦକ୍ଷତା ଏବଂ ଗୋଷ୍ଠୀ ଦ୍ୱାରା ପରିଚାଳିତ ଜଳସେଚନ ପରିଚାଳନା ପାଇଁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଚାଷୀମାନଙ୍କୁ କିପରି ଉତ୍ତମ ବଜାର ବ୍ୟବସ୍ଥା ଯୋଗାଇଦେବା ସହିତ ସେମାନଙ୍କ ଉତ୍ପାଦିତ ଫସଲକୁ ବାହାରକୁ ଦେଶକୁ ରପ୍ତାନୀ କରାଯାଇ ସେମାନଙ୍କୁ ଉତ୍ତମ ମୂଲ୍ୟ ଦିଆଯାଇ ପାରିବ ସେ ଦିଗରେ ସରକାର ଯୋଜନା କରୁଛନ୍ତି। ଚାଷୀଙ୍କ ଆୟ କିପରି ଦ୍ୱିଗୁଣିତ ହୋଇପାରିବ, ତାହା ଆମ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ସିଂହଦେଓ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଇଞ୍ଜିନିୟର-ଇନ୍-ଚିଫ୍ ସାଗର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ରାଜ୍ୟରେ ୪୦,୩୮୦ଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଥିବାବେଳେ ସେଗୁଡ଼ିକ ମାଧ୍ୟମରେ ୨୪.୧୨ ଲକ୍ଷ ହେକ୍ଟର ଜମିର ଜଳସେଚନ ସଫଳତାର ସହ ପରିଚାଳିତ ହେଉଛି। ଓଡ଼ିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତାହାର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି।

ପୃଷ୍ଠା-୬, ଭୁବନେଶ୍ୱର
ଜାନୁୟାରୀ ୨୬ରୁ ଫେବୃୟାରୀ ୦୧, ୨୦୨୬

ଜାତୀୟ ଚେତନା
JATIYA CHETANA

Page-6, Bhubaneswar
January 26 to February 01, 2026



# ପ୍ରତୀକ୍ଷିତ ମାଆ

**ସୁନନ୍ଦା ମହାନ୍ତି**

ପାହାଡ଼ ପାଦ ଦେଶରେ ଘରଟିକୁ ଦେଖି ଯେ କେହି ଆଶ୍ଚର୍ଯ୍ୟ ହେବ। ସ୍ୱାମୀ କଣ କାମ କରେ ସ୍ତ୍ରୀ ଜାଣେ ନାହିଁ କିନ୍ତୁ କୋଉଥିରେ ଅଭାବ ନଥାଏ। ଘରେ ଇଲେକ୍ଟ୍ରି ନଥାଇ ମଧ୍ୟ ସବୁ ଆଧୁନିକ ଉପକରଣ ଯଥା ଫ୍ରିଜ, ଟେଲିଭିଜନ, ଓ୍ୱାସିଙ୍ଗ ମେସିନ, କୁଲର ଓ ଆଇରନ ଇତ୍ୟାଦି ସବୁ ଥାଏ ଘରେ। ପୁଣି ଥାଏ ହଳ ହଳ ଜୋତା ସହ ଦୁନିଆ ଶାଢ଼ି। ଏତେସବୁ ଆଣୁଥିବା ସ୍ୱାମୀଙ୍କୁ ସନ୍ତୁଷ୍ଟି ପରିବର୍ତ୍ତେ ସନ୍ଦେହ ଦୃଷ୍ଟିରେ ଦେଖେ ସ୍ତ୍ରୀ ଗୁରେଇ। ସେ ଜନଜାତି ତଥା ବନବାସୀ ଲଳନା। ଜଙ୍ଗଲ ଭିତରେ ଥିବା ବସ୍ତିରେ ସେଦିନ ନିଆଁ ଲାଗିଥିଲା। ପାହାଡ଼ ପାଦ ତଳୁ ଉଦ୍ଧାର ହୋଇଥିଲା ସନାତନ.ଗୁରେଇ ନିଜ ବାପା ସଙ୍ଗେ ଗୁରେଇ ସନାତନର ଶୁଶ୍ରୂଷା କରୁ କରୁ ସନାତନ ସହ ପ୍ରେମ ହୋଇଗଲା। ପ୍ରେମ ବୁଝେନା ଜାତି, ଗୋତ୍ର ଅବା କୂଳ କି ପରିଚୟ ବୋଲି ସେଦିନ ସତ୍ୟ ହୋଇଥିଲା ଗୁରେଇ ଜୀବନରେ। କାଠ ମାଫିଆ ବୋଲି ଗୁରେଇ ବାପା ସନାତନକୁ ସନ୍ଦେହ କରୁଥିଲା ବେଳେ ଗୁରେଇ କିନ୍ତୁ ମନ ଓ ହୃଦୟ ଦେଇ ସାରିଥିଲା ସନାତନକୁ। ବାକି ଥିଲା ଗାଁ ବାଲାଙ୍କ ବିରୋଧ ତ ସନାତନ କହିଥିଲା ସେ ବାପା ମାଆ ଛେଉଣ୍ଡ। ସେ ନିଜକୁ ବନବାସୀ ସମାଜରେ ମିଶିବା ପାଇଁ ଯାହା ଦରକାର ସେ କରିବାକୁ ପ୍ରସ୍ତୁତ କିନ୍ତୁ ଗୁରେଇ ହାତ ଛାଡିବ ନାହିଁ। ସତକୁ ସତ ସନାତନ ଖୁବ କମ ଦିନରେ ଶିଖିଗଲା ଧନୁ, ତୀର, ବର୍ଚ୍ଛା ଚାଳନା ସହିତ ଜଙ୍ଗଲୀ ଜନ୍ତୁ ଘଉଡ଼େଇବାର ସୂତ୍ର ସବୁ। କୌଶଳ ରେ କୁଶଳୀ ହାତ ତାର ତୀର ଚାଳନା କରି ବାଘର ପାଟିରେ ତୁଣ୍ଡି ବାନ୍ଧିଦେଇ ପାରୁଥିଲା ତ ହାତୀ ଆସି ଚାଷ ନଷ୍ଟ କରୁଥିବା ରାସ୍ତାରେ କଣ୍ଟା ବିଛେଇ ହାତୀ ଆଗମନ କୁ ରୋକି ଦେଇପାରୁଥିଲା। ବିବାହ କରି ଗୁରଇକୁ ଭଲରେ ରଖିବାର ପ୍ରତିଶ୍ରୁତି ଦେଇ ବିବାହ ପରେ ପାହାଡ଼ ପାଦ ଦେଶର ଆର ପଟେ ଘର କରି ଗୁରେଇକୁ ନେଇ ରହୁଥିଲା। ନୂଆ ନୂଆ ଦିନା କେତେ ଭାରି ଆଦର। ନୂଆରୁ ପୁରୁଣା ହେଲେ ତୁଠ ପଥର ପରି ପ୍ରେମରେ ସନ୍ଦେହ ଭରିଗଲା ଗୁରେଇର। କୁଆଡେ ଯାଏ ସନାତନ !ପୁଣି ଫେରିଆସିଲା ବେଳକୁ ଶାଢ଼ୀ ଚୁଡ଼ି ଓ ଅନ୍ୟାନ୍ୟ ଉପକରଣ ସବୁ ଦେଖି ଜଙ୍ଗଲୀ ଲଳନା ଖୁସି ହେବା ପରିବର୍ତ୍ତେ ଦୁଃଖ କରେ। କୋଉଠୁ କିପରି କଣ ଓ କାହିଁକି ତଥା କୁଆଡେ ଇତ୍ୟାଦିର ପ୍ରଶ୍ନ ପଚାରେ କିନ୍ତୁ ଉତ୍ତର ଥିଲା ତୁମ ପାଇଁ ଓ ତୁମ ଖୁସି ପାଇଁ ତ ସବୁ କରୁଛି ମୁଁ।

ଗୁରେଇ ଚାହେଁ ଶାନ୍ତି। ଜଙ୍ଗଲର ପାଦ ଦେଶ ରେ ବଢିଥିବା ଗୁରେଇର ଶାନ୍ତି ସେହି ଜଙ୍ଗଲ ର ଗଛରେ, ଗଛର ପକ୍ଷୀରେ, ଗଛ, ପାହାଡ଼, ନଈ, ହ୍ରଦ ରେ ଥିବା ଜୀବନ୍ତ ଗଛ, ମାଛ,ସାପ, ବେଙ୍ଗ, କଇଁଚ ଆଦି ସରୀସୃପ ଓ କୀଟପତଙ୍ଗ ରେ। ଲାଖ, ଝୁଣା, ମହୁ, ହରିଡ଼ା, ବାହାଡା, ଅଁଳା ଖୋଜି ସଂଗ୍ରହ କରିବାରେ। ତେଲ ବାହାର କରି ବତୀ ଆଲୁଅରେ ଜୀବନ ଆରମ୍ଭ କରିଥିବା ଝିଅ ଗୁରେଇର ଏସବୁ ଇଲୋକ୍ଟ୍ରୋନିକ୍ସ ଜିନିଷ ରେ ନା ଥାଏ ଲୋଭ ନା ତାକୁ ଦରକାର ସହରୀ ସଭ୍ୟତା !ଏଇ ବଣମୂଳକ ତାକୁ ଶାନ୍ତି ଦିଏ। ନଈର ଛଳ ଛଳ ଓ କଳ କଳ ଶବ୍ଦ ତାକୁ ସଂଗୀତ ଶିଖାଏ। ପକ୍ଷୀର ବସା ବୁଣିବା କୌଶଳ ଶିଖି ସେ ଆସନ, ମସିଣା, ବିଞ୍ଚଣା ବୁଣି ପାଖ ମକର ମେଳାରେ ବିକି ଗୋଡ଼, ହାତ, ପାଦ ପାଇଁ ପଥର ତିଆରି ଗହଣା କିଣି ଓ ଦେହ ଢ଼ାଙ୍କିବାକୁ ନାଲି କସ୍ତା ଶାଢ଼ୀ କିଣି ଆଣେ ତ ସେସବୁ ଦେଖିବାକୁ କି ତା ବଣ ଝରଣା ପରି ସୌନ୍ଦର୍ଯ୍ୟ ମାପିବାକୁ ସନାତନ ନଥାଏ ପାଖରେ। ମନ ମରିଯାଏ। ଛୁଆଟିଏ ପାଇଁ ମନ ଉହଳ ବିକଳ ହେଲାବେଳେ ସନାତନ କହେ ସବୁତ ଆମ ଛୁଆ ପାଇଁ କରୁଛି। ତାକୁ ସହରୀ କରିବାକୁ। ସହରୀ ସଭ୍ୟତା ଶିଖେଇ ପାଠ ଶାଠ ପଢ଼େଇବା ଯୋଜନା ରେ ଅଛି ଲୋ ଗୁରେଇ। ବୁଝେନା ଗୁରେଇ। କଣ ହେବ ଏସବୁ ତା ଛୁଆର ! ଖଣ୍ଡେ ଶାଢ଼ୀ ଅଣ୍ଟା ଚାରିପଟେ ଗୁଡେଇ ପିଲା ବଢ଼େଇ ପାରିବ ସେ। ଝିଅ ହେଲେ ମାଣ୍ଡିଆ ଖାଇ ତାରି ପରି ଅଳସୀ କ୍ଷେତ ରେ କାମ କରୁ କରୁ ମନୋନୀତ ଧାଙ୍ଗଡ଼ା ଦେଖି ଶାଶୁଘର ଯିବା ବେଳେ ସେ କିଛି କନ୍ୟାସୁନା ଦେବ ନିଶ୍ଚୟ। ଆଉ ପୁଅ ହେଲେ ତାକୁ ମଧ୍ୟ ଯଅ, ମାଣ୍ଡିଆ, ମହୁଲ ଖୁଆଇ ତାଗେଡା କଲେ ସେ ବି ଫଳେଇବ ମାଣ୍ଡିଆ। ବେଶି ହେଲେ ନଦୀ ରୁ ସାଉଁଟି ଆଣିବ ପଥର। ଯାହାର ମୂଲ୍ୟ ବହୁତ ହେଲେ ବି ମକର ମେଳାରେ ଅଳ୍ପ ଦାମ ରେ ବିକି ଦେଇ ପୁଣି ଦୌଡୁଥିବ ଏ ଖୋଲା ଆକାଶ ତଳେ। ପକ୍ଷୀ କୁ ଶର ମାରି ଖସେଇବାକୁ ମନା କରିବ ମାଆ ଗୁରେଇ। ପୁଣି ମନା କରିବ ଇଗଲ ପକ୍ଷୀ ଦେହରେ ହାତ ମାରିବାକୁ। କାରଣ ସେ ପକ୍ଷୀ ଭାରି ପ୍ରତିଶୋଧ ପରାୟଣ। ଏମିତି ଗୋଟେ କଥା ନିଜ ଆଖିରେ ଦେଖିଥିଲା ଗୁରେଇ। ସମୁଦ୍ର କୂଳ ପାଖ ଗଛରେ ବାସ କରୁଥିବା ଇଗଲଟି ବୁଲି ବୁଲି ଜାତି ଜାତି ପକ୍ଷୀଙ୍କ ବସାରୁ ଅଣ୍ଡା ଚୋରାଇ ନେଉଥିଲା ତ ଦଇବ ସହିଲା ନାହିଁ। ତା ନିଜ ବସାରେ ସେଦିନ ସାପ ପଶି ତା ଅଣ୍ଡା ଗିଳିଦେଲା ପରେ ସେ ବାଲି ଖୋଳି ସବୁ ସାପ ଙ୍କୁ ଦିଗଡ଼ କରିବାର ଭୟଙ୍କର ଦୃଶ୍ୟ ଏବେବି ଗୁରେଇ ଦେହରେ କମ୍ପନ ଆଣିବା ବେଳେ ମନରେ ଆଣେ ଭୟ କିନ୍ତୁ ସମୁଦ୍ର ଜୁଆରରେ ଥରକୁ ଥର ଇଗଲ ପକ୍ଷୀର ଅଣ୍ଡା ଭାସିଯାଉଥିବା ଦୃଶ୍ୟ ସହ ଥରକୁ ଥର ପୁଣି ନଷ୍ଟ କରୁଥାଏ କାହିଁକି ଅନ୍ୟ ର ଅଣ୍ଡା ଭାବି ଗୁରେଇ ଭାବେ ସନାତନ ଏମିତି ଇଗଲଟିଏ ହୋଇଯାଇନି ତ ! କାହାଠୁ ଠକି ବା ଚୋରୀ କରି ତା ନିଜ ସଂସାର ଭାଙ୍ଗୁନିତ !

ଡର ଓ ଭୟରେ ଜଡ଼ସଡ଼ ହେଲା ବେଳେ ସେଦିନ ଗୁରେଇ କିଛି ଜିନିଷ ପାଇଲା। ତାହା ସବୁ ଥିଲା ଗେରୁଆ ବସ୍ତ୍ର, କମଣ୍ଡଳୁ, ଗଡୁ, ରୁଦ୍ରାକ୍ଷ ମାଳି ଇତ୍ୟାଦି। ସେସବୁ ଦେଖି ଖୁବ ଭୟଭୀତ ହୋଇପଡ଼ିଲା ଗୁରେଇ। କୋଉ ସାଧୁଙ୍କୁ ହତ୍ୟା କରି ଏସବୁ ଆଣିନି ତ ତା ସ୍ୱାମୀ ସନାତନ !ନା ନା ତା ଭଳି ବନବାସୀ ନିରୀହ ଝିଅ ସଂସ୍ପର୍ଶ ରେ ଆସି ସନାତନ ଏ ପାପ କରିପାରେନା ! ତେବେ ସ୍ୱାମୀ ସନାତନ ଦିନ ଦିନ, ମାସ ମାସ ପୁଣି ଏବେ ବର୍ଷ ବର୍ଷ ଧରି କୁଆଡେ ଗାଏବ ହୋଇଯାଏ ! ପୁଣି ସ୍ତ୍ରୀ ମନରେ ସନ୍ଦେହ ଆସେ। କେବେ ଭାବେ ତ୍ରେତୟା ଯୁଗରେ ହରି ରୂପେ ପ୍ରଭୁ ହିରଣ୍ୟକଶ୍ୟପ କୁ ମାରିବା ପରି ଦ୍ୱାପରରେ କୃଷ୍ଣ ରୂପେ ପ୍ରଭୁ କଂସକୁ ମାରିବା ପରି ଏ କଳି ଯୁଗରେ ତା ସ୍ୱାମୀ ନିଜକୁ ନିଜେ ମାରୁନି ତ ! ନା ନା ତା ସ୍ୱାମୀ ତ ଦେଇଛି ତାକୁ ଏତେ ସବୁ ଜ୍ଞାନ। ରଖିଛି ରାମାୟଣ, ମହାଭାରତ, ଗୀତା ଓ ଭାଗବତ ପୁସ୍ତକ। ପୁଣି ବୁଝେଇଛି ପୁସ୍ତକର ଉପାଦେୟତା ପୁଣି ଶିଖେଇଛି ସତ୍ୟ ଓ ସତ୍ୟଚେତନା ସହିତ କାହାଣୀ ଆଧାରରେ ଶିକ୍ଷା ଓ ସଚେତନତା.ଏତେ କଥା ଶିଖାଇ ଜଣେଇ ଓ ବୁଝେଇ ସ୍ତ୍ରୀ କୁ ଭଲ ପାଉଥିବା ଲୋକଟା ତେବେ କୁଆଡେ ଗାଏବ ହୁଏ ବୁଝିନପାରି ଗୁରେଇ ଏବେ ପାହାଡ଼ ପାଦ ତଳ ନିରୀହ ଗୁରେଇ ରୁ ହୋଇଯାଇଥିଲା ଅନୁସନ୍ଧାନୀ ତଥା ବିଶ୍ଳେଷଣକାରୀ।

କଥାଟା ଖାଲି ସହରରେ ନୁହଁ ବରଂ ବଣମୂଳକରେ ବ୍ୟାପୀ ଯାଇଥିଲା। ସାଧୁ ଯାହା କହୁଛନ୍ତି ସବୁ ସତ। ଯାହାକୁ ଯାହା ମନୋବାଞ୍ଛା ପୂରଣ କରିବାକୁ କହୁଛନ୍ତି ତାହା ଫଳୁଛି। ବେଶି କିଛି ନୁହଁ ନିଜ କ୍ଷମତା ଓ ଶକ୍ତି ଭିତରେ ଯାହା ଦେଲେ ସାଧୁ ସେତିକିରେ ସନ୍ତୁଷ୍ଟ ହେଉଛନ୍ତି ତ ଗୁରେଇ ଇଚ୍ଛା କଲା ସେ ବି ଯିବ। ଥରେ ଦେଖା କରିବ ସ୍ୱାମୀଜୀ ସାଧୁ ଦେବତାଙ୍କୁ ଓ ପଚାରିବ ତା ସ୍ୱାମୀ କାହିଁକି ଇଗଲଟିଏ ପରି ଘୁରିବୁଲୁଛି, କାହାର ଘର ଭାଙ୍ଗୁନାହିଁ ତ, ତା ଅଧୀନ ହୋଇ କେବେ ତା ପାଖେ ରହି ତା' କୋଳକୁ ଛୁଆଟିଏ ଦେବ ! ଏସବୁ ପଚାରିବାକୁ ସତକୁ ସତ ଗୁରେଇ ଯାଇଥିଲା। ଜଙ୍ଗଲ ରାସ୍ତାରେ ବାଘ କୁ ଡର ନଥିଲା କି ହାତୀ ଡର ନଥିଲା ତାର କି ଅଣ୍ଡା ଭାଙ୍ଗି ଛୋଟ ଛୋଟ ପକ୍ଷୀ ଓ ମଣିଷ ଛୁଆଙ୍କୁ ଝାମ୍ପ ମାରି ଉଠେଇ ନେଇଯାଉଥିବା ଇଗଲ ପକ୍ଷୀକୁ ମଧ୍ୟ ତାର ଡର ନଥିଲା ଆଜି। ଅଳସୀ କ୍ଷେତ ଧାରେ ପିଲାଙ୍କୁ ଶୁଆଇ ଦେଇ ବାପା ମାଆ ବିଲରେ ପୋଡୁ ଚାଷ କରୁଥିବା କାମରେ ଲିପ୍ତ ଥିବାବେଳେ ଇଗଲ ଆସି ଉଠାଇନିଏ ଛୋଟ ଛୋଟ ଶିଶୁଙ୍କୁ.ସମସ୍ତେ ବିକଳରେ କାନ୍ଦୁ ଥିବା ବେଳେ ଗୁରେଇ ସେତେବେଳେ ପ୍ରାର୍ଥନା କରେ ଇଗଲ ପକ୍ଷୀ ର ବସା ଓ ଅଣ୍ଡା ଭସେଇ ନିଅ ନାହିଁ ପ୍ରଭୁ.ତାକୁ ପ୍ରତିଶୋଧ ପରାୟଣ କରନା ପ୍ରଭୁ। ନା ସେ ଏମିତି ହେବାକୁ ଦେବନି। ଛୁଆକୁ ଅଣ୍ଟାରୁ ଜମା ବି ତଳକୁ ଛାଡିବନି। ଏମିତି ଭାବୁ ଭାବୁ ଗୁରେଇ ପହଁଞ୍ଚି ଯାଇଥିଲା ସାଧୁଙ୍କ ପାଖରେ। ତା ପାଳି ଆସିବା ପରେ ସେ ସନ୍ତର୍ପଣ ରେ ଯାଇ ସାଧୁଙ୍କୁ ପ୍ରଣାମ କରି ପାଦ ସ୍ପର୍ଶ କରି ଚମକି ପଡିଲା.ସାଧୁ ତା ବିଷୟରେ ଏତେ ସତ ସତ କଥା ଜାଣି କେମିତି କହିପାରୁଛନ୍ତି ବୋଲି ନୁହଁ ବରଂ ସାଧୁଙ୍କ ସ୍ୱର ଥିଲା ତାର ଖୁବ ପରିଚିତ। ପାଦ ଜାବୁଡି ଉପରକୁ ଚାହିଁଲା ସାଧୁଙ୍କ ମୁହଁ ଦେଖିବାକୁ ତ ସେତେବେଳକୁ ସାଧୁ ଝାଳନାଳ ସର ସର ହୋଇ ମୁହଁ ପୋଛୁ ପୋଛୁ ଚିହ୍ନିଲା ଗୁରେଇ। ଜାଣିଲା ଓ ବୁଝିଗଲା ତା ବିଷୟରେ ଏତେ ସତ କଥା ଜାଣିଥିବା ସାଧୁ ତାର ଅତି ପ୍ରିୟ ମଣିଷ ସନାତନ ହିଁ ଥିଲା। ଏତେ ଏତେ ଦିନ ତା ଠାରୁ ଦୂରରେ ରହି ଲୋକଙ୍କ ବିଷୟରେ ସବୁ ଜାଣି ସଚୋଟ ସାଧୁ ବୋଲାଉଥିବା ସ୍ୱାମୀ ସନାତନ ଯେ ଗୋଟେ ଭଣ୍ଡ ଏକଥା ବୁଝିବାକୁ ବାକି ନଥିଲା ଗୁରଇକୁ। ଗୁରେଇ କୁ ତାର ଅତି ପ୍ରିୟ ମଣିଷ ର ପାଦ ଦୁଇଟି ଏବେ ଇଗଲ ର ଦୁଇ ପଞ୍ଝା ପରି ମନେ ହେଉଥିଲା ତ ସେ ପାଦ ଦୁଇଟି ଜାବୁଡି ପାଟି କରି କହୁଥିଲା ଏପରି ମିଛ ଇଗଲ ହେବା ଅପେକ୍ଷା ସତ ଇଗଲ ଶହେ ଗୁଣ ଭଲ। ଚେଲା ସବୁ ଇତସ୍ତତଃ ହେଉଥିଲେ ତ ସନାତନ ସାଧୁ କହୁଥିଲେ ଉଠ ବସ। ଗୁରେଇ ଏଥର ପୋଲିସ ଫାଣ୍ଡି ପରିବର୍ତ୍ତେ ତୀର ଶର କାଢୁଥିଲା ସାଧୁଙ୍କୁ ମାରିବାକୁ ତ ପୋଲିସ ପହଁଞ୍ଚି ଗୁରେଇକୁ କାବୁ କରିନେଇଥିଲା।

ସ୍ୱାମୀଙ୍କୁ ମାରିବା ଅଭିଯୋଗ ଭିତ୍ତିହୀନ ଥିଲା ଗୁରେଇର। ବରଂ ସ୍ୱାମୀଙ୍କୁ ସତ ପଥ ରେ ଆଣିବାକୁ ତାର ଏ ପ୍ରୟାସ ଥିବା ଜାଣି ଓ ମାରିବା ଦୋଷ ପ୍ରମାଣ ପତ୍ର ଅଭାବରୁ ଗୁରେଇ ନିର୍ଦ୍ଦୋଷ ଭାବେ ଖଲାସ ହେଲା ବେଳକୁ ବାହାରେ ଅପେକ୍ଷା କରିଥିଲା ନିଜେ ସ୍ୱାମୀ ସନାତନ। ମୁହଁ ବୁଲେଇ ଚାଲିଯାଉଥିବା ଗୁରେଇ ପାଦ ତଳେ ଲମ୍ବ ହୋଇ ପଡିଯାଇଥିବା ସନାତନ କୁ ଦେଖି ଗୁରେଇର ମନେ ପଡୁଥିଲା ସେଇ ପଦକ। ଦେହୀ ପଦ ପଲ୍ଲଭ ମୁଦାରମ। ସେଇ ସ୍ୱାମୀ ସନାତନ ହିଁ ସ୍ଥାନ କାଳ ପାତ୍ର ର ସମନ୍ୱୟ ରଖି କେମିତି ଶ୍ରୀକୃଷ୍ଣ ଏ ତିନି ପଦ କହିଥିଲେ ବୁଝାଇଥିଲା ଗୁରେଇକୁ ତ ଗୁରେଇ ନରମି ଗଲା। ବନବାସୀ ଲଳନା ର ହୃଦୟ ଅଲଗା ବୋଲି ବୁଝିଥିବା ସ୍ୱାମୀ ଆଉ ଘରୁ ଗୋଡ଼ କାଢୁ ନଥିଲା.ଛଳନା କରି ସାଧୁ ବନି ଲୋକଙ୍କୁ ଠକୁ ନଥିଲା। ଛାଇ ପରି ଗୁରେଇ ପାଖେ ପାଖେ ରହି ଜଙ୍ଗଲ ମଣିଷ ହେଉ ହେଉ ବାପା ଓ ମାଆ ହେବାର ସ୍ୱପ୍ନ ସାକାର ହୋଇଗଲା ଗୁରେଇ ଓ ସନାତନଙ୍କର। ଜଙ୍ଗଲ କୁ ନିଜର ଜୀବନ ଓ ଜୀବିକା କରି ଜାଣିଥିବା ଗୁରେଇ ପୁଅକୁ ଅଣ୍ଟିରେ ବାନ୍ଧି ମହୁଲ ଫୁଲ ତୋଳୁଥିଲା। ଶୁଖିଯାଇଥିବା ଗଛର କାଠ, ଛେଲି ଓ ପତ୍ର ଜାଳ ପାଇଁ ସଂଗ୍ରହ କରୁଥିଲା। ଅଳସୀ କ୍ଷେତ ଓ ସୂର୍ଯ୍ୟମୁଖୀ କ୍ଷେତରେ ଲୋଟୁ ଲୋଟୁ ଇଗଲ ପାଖ କିଆରୀରେ ଶୋଇଥିବା ଟିକି ପୁଅଟିକୁ ଝାମ୍ପି ନେଲା ତ ମାଆ ତାର କେତକୀ ନାମ୍ନୀ ସ୍ତ୍ରୀ ଲୋକଟିର ବହୁନା ପକା ଦୃଶ୍ୟ ଗୁରେଇ କୁ ବ୍ୟଥିତ କରିଥିଲା ଖୁବ। ଗୁରେଇ ଭାବୁଥିଲା ଇଗଲ ର ଏତେ ଭୁଲ ହୁଏ କାହିଁକି ! ସ୍ୱାମୀ ଇଗଲ ବିଷୟରେ କହିଥିବା କଥାଟି ଗୁରେଇ ମନେ ପକାଅଉଥିଲା।

ଥରେ ଇନ୍ଦ୍ରଙ୍କ ସଭାରେ ଯୋଗ ଦେବାକୁ ଆସିଥିବା ଯମଦେବ ଅନତି ଦୂରରେ ବସିଥିବା ଛୋଟ ସାତରଙ୍ଗୀ ପକ୍ଷୀଟିକୁ ବାରମ୍ବାର ଚାହିଁ ଥିବା ଦେଖି ଇଗଲ ପକ୍ଷୀ ଭାବିଥିଲା କି ବୋଧହୁଏ ଚଢେଇଟିର ମୃତ୍ୟୁ ସମୟ ନିକଟ ହୋଇ ଆସିଲାଣି ନଚେତ ଯମଦେବ ଏତେ ଥର ସେ ସାତରଙ୍ଗୀ ଛୋଟ ପକ୍ଷୀଟିକୁ କାହିଁକି ଅନାଉଛନ୍ତି ବୁଲି ବୁଲି ! ଏହା ଭାବି ଇଗଲ ନିଜ ପଞ୍ଝା ସାହାଯ୍ୟରେ ସାତରଙ୍ଗୀ ଛୋଟ ଚଢ଼େଇଟିକୁ ଉଠାଇ ନେଇ ଯୋଜନ ଯୋଜନ ଦୂରରେ ଥିବା ପାହାଡ଼ ଖୋଲରେ ଛାଡ଼ିଦେଇ ଆସିବା ପରେ ଦେଖିଲା ଯେ ଯମଦେବ, ସଭା ସାରି ପକ୍ଷୀ ଟିକୁ ଖୋଜି ହେଉଛନ୍ତି। ଇଗଲ ତାଙ୍କ ପାଖକୁ ଯାଇ କାହାକୁ ଖୋଜୁଛନ୍ତି ମହୋଦୟ ପଚାରିବାରୁ ଯମଦେବ କହିଥିଲେ ଏଠାରେ ଗୋଟିଏ ଛୋଟ ସାତରଙ୍ଗୀ ପକ୍ଷୀ ବସିଥିଲା ତାର ମୃତ୍ୟୁ ଏଠାରୁ ଯୋଜନ ଯୋଜନ ଦୂର ଗୋଟେ ପାହାଡ଼ ଖୋଲରେ ଥିବା ଅଜଗର ମୁହଁ ରେ ପଡି ହେବାକଥା କିନ୍ତୁ ଏତେଦୂର ପକ୍ଷୀଟି କିପରି ଯିବ ଭାବୁଥିଲି। ତ ଇଗଲ ସବୁକଥା କହିବା ସହ ବୁଝିଯାଇଥିଲଲା କି ଭାଗ୍ୟ ଫଳତି ସର୍ବତ୍ର। ଏବେ ଗୁରେଇ ଇଗଲ ହାତରୁ ନିଜ କୁନି ପୁଅକୁ ରକ୍ଷା କରିବା ପାଇଁ ଏକ ଉପାୟ ପାଞ୍ଚି ସ୍ୱାମୀଙ୍କୁ ପାଖ ବରଗଛରେ ଗୋଟେ ମଧ୍ୟମ ଧରଣର କାଠିକୁଟା ର ବସା କରି ସେଥିରେ କୁକୁଡ଼ା ଅଣ୍ଡା ଦୁଇଟି ରଖି ଦେଇଥିଲେ ଦୁହେଁ ତ ଦେଖାଗଲା ଇଗଲ ବସାରେ ବସି ରହି ଛୁଆ ଫୁଟିଲା ଯାଏଁ ନିଜକୁ ବ୍ୟସ୍ତ ରଖିବା ସହ ଅଣ୍ଡାରୁ କୁକୁଡ଼ା ଛୁଆ ଫୁଟେଇ ସେମାନଙ୍କ ଯତ୍ନ ନେଉଥିଲା। ଏଣେ ଗୁରେଇ ନିଜ ପୁଅକୁ ସବୁବେଳେ ଇଗଲ ଦାଉରୁ ବଞ୍ଚେଇ ରଖିବାକୁ ଯାଇ ପୁଅକୁ ବାନ୍ଧି ଅଣନିଶ୍ୱାସୀ କରିବା ପରିବର୍ତ୍ତେ ଖୋଲା ପବନ, ଆଲୋକ ଓ ଜଙ୍ଗଲ ପରିବେଶ ସହ ପରିଚିତ କରୁ କରୁ ପୁଅ ଡ଼ାକୁଥିଲା ମାଆ। ଏ ମାଆ।

*ସାକ୍ଷୀଗୋପାଳ, ପୁରୀ*
*ମୋ: ୯୦୪୦୯୭୭୩୨୭*



## ପଥର

ଯେତେବେଳେ
ପାରିପାର୍ଶ୍ୱିକ
ପରିସ୍ଥିତି ସାଜିବ
ପ୍ରତିକୂଳ
ଆତ୍ମୀୟସ୍ୱଜନ
ଅହିରାଜ ପରି
ଲାଗୁ ଥିବେ
ଭୟଙ୍କର ତୁମ
ମନ ମୁତାବକ ସ୍ୱପ୍ନର ସୁଦୃଶ୍ୟ ସୌଧଟି
ହେଉଥିବ ଭୂଲୁଣ୍ଠିତ ଶୁଖିଯାଉଥିବ
ଆବେଗର ଅନ୍ତଃସ୍ରୋତ କିଛି ଗୋଟେ
କରିବାଲାଗି ଉହୁଙ୍କିଲାବେଳକୁ ସ୍ଥବିର
ହୋଇଯାଉଥିବ ହାତପାଦ,
ସେତେବେଳେ ଜଣେ ତ କେବଳ
ଫଟାକପାଳକୁ ନିନ୍ଦିବା ହେଉଥିବ ସାର
ଅଶ୍ରୁ ବଦଳେ ଆଖିରୁ ଝରୁଥିବ ରୁଧିର।
ଅସୁମାରି ଆଘାତ ପ୍ରତିଘାତର ମୁଦ୍‌ଗର
ମାଡ଼େ
ଛାତିତଳର ମୁଲାୟମ ମହକୁମା ଦିନେ
ପାଲଟିଯାଏ ପଥର ଶେଷ ଦୃଶ୍ୟରେ
ହିସାବନିକାଶ ହେଲାବେଳକୁ
ବଂଶୀର ବ୍ୟାକୁଳ ବେହାଗ
ସଞ୍ଚରିଯାଇଥାଏ ସଚରାଚର।

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ,
ଖୋର୍ଦ୍ଧା-୭୫୨୦୩୦
ଶୂନ୍ୟଭାଷ: ୮୦୧୮୮୮୧୪୧୧

## ଦୁଷ୍ଟା



ଓଇ ଦୁଷ୍ଟା ଶୁଣ
ତୁମରି
ନୃତ୍ୟରେ,
ସଙ୍ଗୀତରେ
ତୁମରି ଶାନ୍ତ,
ଶୀତଳ ସରଳ
ଐଶ୍ୱର୍ଯ୍ୟ
ରୂପରେ
ମୋତେ ନିଖୋଜ କରିଦିଅ।
ତୁମରି ରଜନୀଗନ୍ଧାର ମହକରେ
ତୁମରି ଆଖିର ରଶ୍ମିରେ, ଛାତିର
ଅସ୍ମିରେ
ତୁମ ଗାଲ ର ଗୋଲାପିଆ ରଙ୍ଗରେ
ପ୍ରେମର ସୌଦାଗରରେ ମୋତେ
ନିଖୋଜ କରିଦିଅ।
ଓଇ ଦୁଷ୍ଟା ଶୁଣ
ତୁମେ ମୋ ନୈବେଦ୍ୟ
ତୁମେ ମୋ ଈଶ୍ୱରୀ, ତୁମେ ମୋ
ଆରାଧ୍ୟ ଦେବୀ
ମୋ ଅନନ୍ତ ପ୍ରେମର ପ୍ରେମିକା ସାଜି
ପ୍ରତି ଦିନ, ପ୍ରତି ମୁହୂର୍ତ୍ତ
ତୁମ ପ୍ରେମରେ ମୋତେ ନିଖୋଜ
କରିଦିଅ।
ଓଇ ଦୁଷ୍ଟା ଶୁଣ
ତୁମ ପ୍ରେମରେ ନିଖୋଜ ହୋଇ
ଭୁଲିଯିବି ମୁଁ ମୋ ନିଜକୁ,
ଲାଜରେ ଲାଜରେ
ବିଛୁରି ବିଛୁରି
ତୁମରି ଲାଜୁଆ ଆଖିରେ
ସବୁଦିନ ପାଇଁ ନିଜର ହୋଇଯିବି।

ପବିତ୍ର ବେହେରା
ବାହାଲପୁର, ଗଞ୍ଜାମ
ଦୂରଭାଷା: ୭୭୮୮୮୬୬୦୨

ଜାତୀୟ ଚେତନା
JATIYA CHETANA



## ମହିଳା ଚଳାଇବେ ‘ଆମ ବସ୍’

ଭୁବନେଶ୍ୱର,(ଜା.ପ୍ର): ଏଣିକି ମହିଳା ଚଲାଇବେ ‘ଆମ-ବସ୍’ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ‘ଆମ-ବସ୍’ ସେବା ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆଗାମୀ ଦିନରେ ରାଜ୍ୟରେ ମହିଳା ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ଓ ସାମ୍ପ୍ରତିକ ପରିସ୍ଥିତିରେ ଜନ ପରିବହନର ବିଶେଷ ଚାହିଦାକୁ ଲକ୍ଷ୍ୟ କରି ଶ୍ରୀ ମହାପାତ୍ର ମହିଳା ଚାଳକଙ୍କ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ପୁଣେରେ ମହିଳାମାନଙ୍କୁ ତାଲିମ ଦିଆଯିବ । ତାଲିମ ପାଇଁ ଆସନ୍ତା ଜାନୁଆରୀ ୩୧ରେ କ୍ରୁଟ୍ ପକ୍ଷରୁ ୨୦ ଜଣ ମହିଳା ଇ-ବସ୍ ଚାଳନା ତାଲିମ ନିମନ୍ତେ ପୁନେ ଯାତ୍ରା କରିବେ । ଅନ୍ୟପକ୍ଷରେ ଖୁବ୍ ଶୀଘ୍ର କ୍ରୁଟ ଡିପୋ ପରିସରରେ ନିଜର ତାଲିମ୍ ଅନୁଷ୍ଠାନ ନିର୍ମାଣ ହେବ । ଯେଉଁଠି ବ୍ୟବହାରିକ, ଆଚରଣଗତ ପ୍ରଶିକ୍ଷଣ ସହିତ ଟ୍ରାଫିକ ନିୟମ ଓ ଲେନ୍ ଡ୍ରାଇଭିଂ ଭଳି ଅନେଗୁଡ଼ିଏ ଦିଗରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ।

ଏହି ସମୀକ୍ଷା ବୈଠକରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ ବିଶ୍ୱାଳ, ମହା ପ୍ରବନ୍ଧକ ସହଦେବ ସମଧିଆ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ସୁଶ୍ରୀ ପଲ୍ଲବୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ କ୍ରୁଟ୍ କାର୍ଯ୍ୟ ପଦ୍ଧତି ଓ ‘ଆମ ବସ୍ ସେବା ଅନ୍ତର୍ଗତ ବିଭିନ୍ନ ଗଠନମୂଳକ ପଦକ୍ଷେପ ଉପରେ ଆଲୋଚନା କରଯାଇଥିଲା । ସଧାରଣତଃ କୌଣସି ଦୁର୍ଘଟଣାର ପ୍ରମୁଖ କାରଣ ମଦ୍ୟପାନ ହୋଇଥାଇପାରେ ବୋଲି ଅନୁମାନ କରାଯାଇଥାଏ । ଏନେଇ ‘ଆମ ବସ୍’ ଚାଳନା କରୁଥିବା ସମସ୍ତ ଚାଳକଙ୍କୁ ମଦ୍ୟପାନ ଯାଞ୍ଚ କରିବା ବାଧ୍ୟତାମୂଳକ କରଯାଇଥିଲା । ଶେଷ ଗୋଟିଏ ବର୍ଷରେ ଏକ ଲକ୍ଷ ୯୭ ହଜାର ଥର ମଦ୍ୟପାନ ଯାଞ୍ଚ ହୋଇଛି । ସେ ମଧ୍ୟରୁ ଏକ ବର୍ଷ ମଧ୍ୟରେ ୧୯ ଜଣ ମଦ୍ୟପାନ କରିଥିବାର ଜଣାପଡ଼ିଥିଲା । ଯେଉଁମାନଙ୍କୁ ପୁଲିସ୍ ଗିରଫ ସହିତ ଆଇନ ଅନୁଯାୟୀ ତିନିମାସ ପାଇଁ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବାକୁ ନିକଟସ୍ଥ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚାଳକମାନଙ୍କ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି ।

### ଯୋରନ୍ଦା ମହିମା ମନ୍ଦିରର ବଦଳିବ ରୂପରେଖ

# ନିର୍ମାଣ ହେବ ନୂଆ ସୁଉଚ୍ଚ ଭବ୍ୟ ମନ୍ଦିର

ଭୁବନେଶ୍ୱର,(ଜା.ପ୍ର): ସାଧାରଣ ଜୀବନ, ସମାନତା ଏବଂ ବିଶ୍ୱବାସୀଙ୍କ ମଙ୍ଗଳରେ ବିଶ୍ୱାସ ରଖୁଥିବା ମହିମା ଧର୍ମର ପ୍ରମୁଖ ପୀଠ ତଥା ଯୋରନ୍ଦାସ୍ଥିତ ମହିମା ମନ୍ଦିରର ହେବ ଉନ୍ନତିକରଣ । ନିର୍ମାଣ ହେବ ନୂଆ ସୁଉଚ୍ଚ ଭବ୍ୟ ମନ୍ଦିର । ପାରିପାର୍ଶ୍ୱିକ ଅଞ୍ଚଳର ହେବ ବିକାଶ । ରାଜ୍ୟ ପର୍ଯ୍ୟଟନକୁ ମିଳିବ ନୂଆ ଦିଶା । ଯାହାକୁ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।




ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମହିମା ମନ୍ଦିର ବା ଶୂନ୍ୟ ମନ୍ଦିର ଭିତରେ ଥାଇ ଏହାକୁ ଆବୃତ୍ତ କରି ତା'ଉପରେ ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥିସହିତ ମନ୍ଦିର ପରିସରରେ ଥିବା ଅଖଣ୍ଡ ଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଏବଂ ପୁଷ୍କରିଣୀ ସହ ପାରିପାର୍ଶ୍ୱିକ ଉନ୍ନତିକରଣ ନେଇ ଆଲୋଚନା ହୋଇଥିଲା । ବୈଠକରେ ରୋଷଘର, ଯାତ୍ରୀ ନିବାସ, ପାର୍କିଂ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ମହିମା ପୀଠର ସର୍ବାଙ୍ଗୀନ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ଯେପରି ନିର୍ଦ୍ଦେଶ ରହିଛି ତାହାର ସଠିକ୍ ଅନୁପାଳନ ସହ ସମସ୍ତ ସାଧୁ, ମହିମା ଧର୍ମାବଲମ୍ବୀମାନଙ୍କ ସହ ଆଲୋଚନା କରି ଏହି ଉନ୍ନୟନ ପ୍ରକଳ୍ପର ନକ୍ସା ପ୍ରସ୍ତୁତ ହୋଇଛି ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ମୁଖ୍ୟ ଶାସନ ସଚିବଙ୍କୁ ସୂଚନା ଦେଇଥିଲେ । ୩ ବର୍ଷ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ଦିଗ ପ୍ରଦାନ କରିବ । ଏହି ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବାବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ ।

# ନିଜ ଖର୍ଚ୍ଚରେ ନିର୍ମାଣ କରିବ ରେଳବାଇ ୯୬ ରେଲୱେ ଓଭର ବ୍ରିଜ୍

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗର ସକ୍ରିୟ ପଦକ୍ଷେପ ସ୍ୱରୂପ ଭାରତ ସରକାରଙ୍କ ରେଳବାଇ ମନ୍ତ୍ରଣାଳୟର ନୂତନ ନୀତି-୨୦୨୪କୁ ଉପଯୋଗ କରି ପୂର୍ବତଟ ରେଳବାଇ ୯୬ ଟି ରେଲୱେ ଓଭର ବ୍ରିଜ୍‌କୁ ଶତପ୍ରତିଶତ ନିଜ ଖର୍ଚ୍ଚରେ ନିର୍ମାଣ କରିବା ନେଇ ବୁଝାମଣା ପତ୍ର ସ୍ୱାକ୍ଷର ପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ସଡ଼କ ନେଟ୍‌ୱାର୍କର ସୁଦୃଢ଼ୀକରଣ କ୍ଷେତ୍ରରେ ରେଲୱେ ଓଭର ବ୍ରିଜ୍ ର ପ୍ରମୁଖ ଭୂମିକା ରହିଛି । ରେଲୱେ ଫାଟକ ବଦଳରେ ରେଲୱେ ଓଭର ବ୍ରିଜ୍ ନିର୍ମାଣ ଦ୍ୱାରା ଯାତ୍ରା ସମୟରେ ହେଉଥିବା ଅତିରିକ୍ତ ଭିଡ଼ ହ୍ରାସ ସହ ସମୟ ଅବଧି କମିବା ଏବଂ ଧନଜୀବନକୁ ସୁରକ୍ଷା କରିହେବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ବିଭାଗ ରାସ୍ତା ଉପରେ ହେବାକୁ ଥିବା ୧୬୬ଟି ରେଲୱେ ଓଭର ବ୍ରିଜ୍ ପାଇଁ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ପୂର୍ବତଟ ରେଳବାଇ ଓ ନିର୍ମାଣ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ଯୋଗ୍ୟ ଯେ ଏହି ୧୬୬ଟି ରେଲୱେ ଓଭର ବ୍ରିଜ୍ ଗୁଡିକର ନିର୍ମାଣ ଅଗ୍ରଗତି ଗତ କିଛି ବର୍ଷ ହେଲା ମନ୍ଥର ସ୍ଥିତିରେ ଥିଲା । ଏହି ବୈଠକରେ ରେଲୱେ ଓଭର ବ୍ରିଜ୍ ଗୁଡିକ ଲାଗି ଜମି ଅଧିଗ୍ରହଣ, ବ୍ରିଜ୍ ନିର୍ମାଣରେ ଗୁଣବତ୍ତା, ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ ଏବଂ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ନିର୍ମାଣ କାର୍ଯ୍ୟ ଆଗେଇ ନେବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏଥିରେ ୧୧୨ଟି ରେଲୱେ ଓଭର ବ୍ରିଜ୍ ଆପ୍ରୋଚ୍ ରାସ୍ତା ସକାଶେ ପାଇଁ ଜମି ଅଧିଗ୍ରହଣ ପାଇଁ ଭାରପ୍ରାପ୍ତ ଅଧିକାରୀଙ୍କୁ ମନୋନୀତ କରାଯାଇଛି । ଏହି ବୈଠକରେ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ ସମେତ ନିର୍ମାଣ ବିଭାଗ ଓ ପୂର୍ବତଟ ରେଳବାଇର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ଏପ୍ରିଲ ୧୬ରୁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ବାଜିଲା ଜନଗଣନା ବିଗୁଲ । ଆସନ୍ତା ଏପ୍ରିଲ୍ ୧୬ରୁ ଓଡ଼ିଶାରେ ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟର ଜନଗଣନା । ପ୍ରଥମ ପର୍ଯ୍ୟାୟର ଜନଗଣନା ପ୍ରକ୍ରିୟା ମେ' ୧୫ ଯାଏଁ ଚାଲିବ । ଏନେଇ ମଙ୍ଗଳବାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଆସନ୍ତା ୨୦୨୭ ଫେବୃୟାରୀରୁ ଘରକୁ ଘର ଜନଗଣନା ହେବ । ବିଜ୍ଞପ୍ତି ଅନୁସାରେ ୩୦ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପାତ୍ର ଗଣନା ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା । ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର । ଚଳିତ ମାସ ୬ରେ ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକ ହୋଇଥିଲା । ବୈଠକରେ ଜନଗଣନା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ।


ଜନଗଣନା କାର୍ଯ୍ୟର ସମ୍ପାଦନ ପାଇଁ ଜାତୀୟ ସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଜିଲ୍ଲାର ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନର ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ । ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଶିକ୍ଷକ, ରାଜ୍ୟ ସରକାର ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀ ଜନଗଣନାକାରୀ ଏବଂ ସୁପରଭାଇଜର ଦାୟିତ୍ୱ ତୁଲାଇବେ । ଜନଗଣନାକାରୀ, ସୁପରଭାଇଜର, ରାଜ୍ୟ, ଜିଲ୍ଲା, ମହାନଗର ନିଗମ ଓ ଚାର୍ଜ ଅଧିକାରୀଙ୍କ ପାଇଁ ପାରିତୋଷିକ ଏବଂ ଜନଗଣନା କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟା ସହାୟତା ପାଇଁ ଆର୍ଥିକ ବ୍ୟବସ୍ଥା ରହିଛି । ଜନଗଣନା ପୂର୍ବରୁ ମାଷ୍ଟର ଟ୍ରେନର ଏବଂ କ୍ଷେତ୍ରସ୍ତରୀୟ ପ୍ରଶିକ୍ଷଣକଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ । ଜନଗଣନା ବ୍ୟବସ୍ଥା ସଂପର୍କରେ ବ୍ୟାପକ ସୂଚନା, ଶିକ୍ଷା ଓ ଯୋଗାଯୋଗ କରାଯିବ । ଜନଗଣନାରେ ମୋବାଇଲ ଆପ ବା ଡିଜିଟାଲ ବ୍ୟବସ୍ଥାରେ ତଥ୍ୟ ସଂଗ୍ରହ କରାଯିବ । ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ । ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ । ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ପ୍ରୋତ୍ସାହନ ଦିଆଯିବ । ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ । ୱେବସାଇଟ ଜରିଆରେ ପଞ୍ଜିକୃତ କରିପାରିବେ । ମୋବାଇଲ ନମ୍ବରରେ ଓଟିପି ବେସଡ୍ ହେବ । ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେ ନାହିଁ । କିମ୍ବା ଆପରୁ ସ୍କ୍ରିନ ସଟ ମଧ୍ୟ ନେଇପାରିବେ ନାହିଁ । ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ଅନଲାଇନରେ ହେବ । ପ୍ରକାଶ ଯେ ୧୯୪୧ ବ୍ରିଟିଶ ଶାସନର ଶେଷ ଜନଗଣନା ଥିଲା । ହେଲେ ସ୍ୱାଧୀନ ଭାରତରେ ୧୯୫୧ରୁ ପ୍ରଥମ ଜନଗଣନା ଆରମ୍ଭ ହୋଇଥିଲା । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ଭାରତର ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା କମିଶନରଙ୍କ ଦ୍ୱାରା ତାହା ପରିଚାଳିତ ହୋଇଆସୁଛି । ୧୯୫୧ରୁ ସମସ୍ତ ଜନଗଣନା ୧୯୪୮ ଜନଗଣନା ଅଧିନିୟମ ଅନୁଯାୟୀ କରାଯାଇଥିଲା । ଶେଷ ଜନଗଣନା ୨୦୧୧ରେ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ଜନଗଣନା ୨୦୨୧ରେ ଅନୁଷ୍ଠିତ ହେବାର ଥିଲା । ମାତ୍ର କୋଭିଡ୍-୧୯ ମହାମାରୀ ଯୋଗୁଁ ଜନଗଣନାକୁ ସ୍ଥଗିତ ରଖାଯାଇଥିଲା । ପ୍ରାୟ ପନ୍ଦର ବର୍ଷ ପରେ ଜନଗଣନା ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାର ଜନଗଣନା କାର୍ଯ୍ୟକୁ ନିର୍ଭୁଲ କରିବାକୁ ଅଣ୍ଟା ଭିଡିଛନ୍ତି ।

## ପକ୍ଷୀଟିଏ

ମୁଁ ଯଦି ପକ୍ଷୀଟିଏ ହୋଇଥାନ୍ତି
ଆକାଶରେ ନିଇତି ଉଡ଼ନ୍ତି
କେତେ ରକମର ଫଳ ଖାଇଥାନ୍ତି
କେତେ ଯେ ଗୀତ ଗାଇଥାନ୍ତି
ମୁଁ ଯଦି ପକ୍ଷୀଟିଏ ହୋଇଥାନ୍ତି
ସକାଳ ପହରୁ ଉଠିଥାନ୍ତି
ନଦୀ ସରୋବରେ ମୁଖ ଧୋଇଥାନ୍ତି
ଏ ଡାଳରୁ ସେ ଡାଳକୁ ଡେଇଁ ଡେଇଁ
ମିଠା ଫଳ ସବୁ ଖାଇଥାନ୍ତି
ମୁଁ ଯଦି ପକ୍ଷୀଟିଏ ହେଇଥାନ୍ତି
ସୂର୍ଯ୍ୟର ତାତିଲା କିରଣ
ବର୍ଷାର ଶୀତଳ ଛିଟା
ଶୀତର କାକର ବିନ୍ଦୁକୁ
ବସନ୍ତର କୁସୁମ ସୁଗନ୍ଧ
ପ୍ରକୃତିର ଶସ୍ୟ ଶ୍ୟାମଳା ଧରାପୃଷ୍ଠକୁ
ଅନେକ ପାଖରୁ ସାଉଁଟିଥାନ୍ତି
ମୁଁ ଯଦି ପକ୍ଷୀଟିଏ ହେଇଥାନ୍ତି
ଖରା ବର୍ଷା ଶରତ ହେମନ୍ତ ଶୀତ ଓ
ବସନ୍ତ
ଛଅ ଋତୁ ସାଙ୍ଗେ ଖାପ ଖୁଆଇ ଚଳିଥାନ୍ତି
ଏବଂ ଦିନେ ଚିନ୍ତା ଶୂନ୍ୟ ହେଇ
ପ୍ରଫୁଲ୍ଲ ମନରେ ଚିରଦିନ ପାଇଁ
ଶୋଇଥାନ୍ତି
ମୁଁ ଯଦି ପକ୍ଷୀଟିଏ ହୋଇଥାନ୍ତି ।

**ଲଭ୍ ଲି ପୁରବି**
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା
ପଢ଼ ଶେଷ ପତର

## ତୁମେ ମୋତେ ଦୁଃଖ ଦେଲେ



ଅବା
ନିରିଦୟ
ହେଲେ
ଭାବୁଛକି
ଭୁଲିଯିବି
ତୁମ୍ଭଙ୍କୁ ମୁଁ
ସତରେ,
ଭଲ
ପାଉଥିଲି ଥିବି
ତୁମ କଥା ଭାବି ହେବି
ତୁମ୍ଭଙ୍କୁ ବି ଝୁରୁଅଛି
କହେ ହର୍ଷ ଚିତ୍ତରେ ।
ଏ ଆମ ସାତ୍ତ୍ୱିକ ପ୍ରେମ
ଭାଙ୍ଗି ପାରିବନି ଯମ
ସାତ ଜନମ ପାଇଁକି
ସଦା ତିଷ୍ଠି ରହିବ,
ଆଜି ରହିଛ ମଉନେ
ବୁଝିବ ଦିନେ ନା ଦିନେ
ସମ୍ପର୍କ ଚିର ଆମର
ତୁମେ ନିଶ୍ଚ କହିବ ।
ଚାହେଁନି ତୁମଠୁ କିଛି
ଭଲ ପାଇବା ମାଗୁଛି
ଦେବା ପାଇବା ଉର୍ଦ୍ଧ୍ୱରେ
ଆମ ଏଇ ଅନ୍ତର,
ଦିବ୍ୟ ପ୍ରେମ ଭାବ ଥାଉ
ଯେ ଯିବ ଯୁଆଡେ ଯାଉ
ଆଦରି ନନେଲେ ମୋତେ
ଏଇ ଶେଷ ପତର ।

**କବିଜ୍ୟୋତି ନିରଞ୍ଜନ ପତି**
ବାଇଁଶିଆ, ମହିମା ଗାଦି, ଢେଙ୍କାନାଳ
ମୋ-୯୯୩୮୧୩୩୫୫୯

ଜାତୀୟ ଚେତନା
JATIYA CHETANA



# ୩-୦ରେ ସିରିଜ୍ କବ୍‌ଜା କଲା ଟିମ୍ ଇଣ୍ଡିଆ

ଗୁଆହାଟୀ,(ଏଜେନ୍ସି): ତୃତୀୟ ଟି-୨୦ରେ ନ୍ୟୁଜିଲାଣ୍ଡକୁ ଅତି ସହଜରେ ହରାଇ ସିରିଜ୍ କବଜା କରିଛି ଭାରତ । ନ୍ୟୁଜିଲାଣ୍ଡ ଦ୍ୱାରା ଧାର୍ଯ୍ୟ ୧୫୪ ରନର ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୧୦ ଓଭରରେ ୨ ୱିକେଟ୍ ହରାଇ ହାସଲ କରି ନେଇଛି । ଅଭିଷେକ ଶର୍ମା ୧୨ ବଲରୁ ୬୫ ରନର ବିସ୍ଫୋରକ ଇନିଂସ ଖେଳିଥିବା ବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୫ ରନ କରିଛନ୍ତି । ଏଥିସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୩-୦ରେ ଅଗ୍ରଣୀ ହାସଲ କରିଛି । ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ବ୍ୟାଟରଙ୍କ ଏମିତି ବ୍ୟାଟିଂ ଅନ୍ୟ ଦଳ ପାଇଁ ଚେତାବନୀ ସଦୃଶ ହୋଇଛି । ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୧୫୪ ରନ୍‌ର ଲକ୍ଷ୍ୟକୁ ୧୦ ଓଭର୍‌ରେ ହାସଲ କରିନେଇଛି । ରବିବାର ଅଭିଷେକ ଶର୍ମା ମାତ୍ର ୧୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି । ବରସାପାରା ଷ୍ଟାଡିୟମ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମେ ୯ ୱିକେଟ୍ ହରାଇ ୧୫୩ ରନ୍ କରିଥିଲା । ଭାରତ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି । ଅଭିଷେକ ଶର୍ମା ଅପରାଜିତ ୬୮, କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୫୭ ଏବଂ ଈଶାନ୍ କିଶନ୍ ୨୮ ରନ୍ କରିଥିଲେ । ବୋଲିଂରେ ଜସ୍‌ପ୍ରୀତ୍ ବୁମ୍‌ରା ୩ ୱିକେଟ୍ ନେଇଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ଓ ରବି ବିଷ୍ଣୋଇଙ୍କୁ ୨-୨ ସଫଳତା ମିଳିଥିଲା । ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୪୮ ରନ୍ କରିଥିବା ବେଳେ



ମ୍ୟାଟ୍ ହେନରୀ ଓ ଇଶ୍ ସୋଢ଼ୀଙ୍କ ୧-୧ ୱିକେଟ୍ ମିଳିଥିଲା ।

ଭାରତ ଏହି ବିଜୟ ସହିତ ୫ ମ୍ୟାଚ୍‌ର ସିରିଜ୍‌ରେ ଅଜେୟ ଅଗ୍ରଣୀ ହାସଲ କରିଛି । ଏହା ସହିତ ଟିମ୍ ଇଣ୍ଡିଆ ଲଗାତାର ୧୧ ଟି-୨୦ ସିରିଜ୍ ଜିତିଛି । ଭାରତ ପ୍ରଥମ ମ୍ୟାଚ୍ ୪୮ ରନ୍ ଏବଂ ଦ୍ୱିତୀୟ ମ୍ୟାଚ୍ ୭ ୱିକେଟ୍‌ରେ ଜିତିଥିଲା । ଦୁଇ ଟିମ୍ ମଧ୍ୟରେ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ୨୮ ତାରିଖରେ ବିଶାଖାପାଟଣାରେ ଖେଳାଯିବ ।

ଭାରତ ୩.୧ ଓଭର୍‌ରେ ହିଁ ୫୦ ରନ୍ ପୂରଣ କରିଥିଲା । ଏହା ଟିମ୍‌ର ଦ୍ରୁତତମ ଟି-୨୦ ଫିଫ୍‌ଟି । ଏହା ପୂର୍ବରୁ ୨୦୨୩ରେ ବାଂଲାଦେଶ ବିପକ୍ଷରେ ୩.୪ ଓଭର୍‌ରେ ୫୦ ରନ୍ ପୂରଣ କରିଥିଲା । ଈଶାନ୍ କିଶନ୍ ୨୮ ଏବଂ ସଞ୍ଜୁ ସାମ୍‌ସନ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ । ଅଭିଷେକ ଭାରତ ପକ୍ଷରୁ ଦ୍ୱିତୀୟ ଦ୍ରୁତ ଟି-୨୦ ଅର୍ଦ୍ଧଶତକ ରେକର୍ଡ କରିଛନ୍ତି । ୨୦୦୭ରେ ଯୁବରାଜ ସିଂହ ୧୨ ବଲ୍‌ରେ ୫୦ ରନ୍ ପୂରଣ କରିଥିଲେ । ଏହା ସହିତ ଅଭିଷେକ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ କରିଛନ୍ତି ।

ଏହା ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ (୪୮), ମାର୍କ ଚାପ୍‌ମ୍ୟାନ୍ (୩୨), କ୍ୟାପ୍‌ଟେନ୍ ମିଚେଲ୍ ସାଣ୍ଟନର୍ (୨୭), ଡାରିଲ୍ ମିଚେଲ୍ (୧୪) ଏବଂ ଟିମ୍ ସେଫର୍ଟ (୧୨)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ ।


ସିରିଜ୍‌ରେ ୩-୦ର ଅଜେୟ ଅଗ୍ରଣୀ ସହିତ ନ୍ୟୁଜିଲାଣ୍ଡକୁ ଭାରତ ଲଗାତାର ପଞ୍ଚମ ଟି-୨୦ ସିରିଜ୍‌ରେ ହରାଇ ଦେଇଛି । ୨୦୧୯ରେ ନ୍ୟୁଜିଲାଣ୍ଡ ନିଜ ଘରୋଇ ମାଟିରେ ଶେଷଥର ପାଇଁ ଭାରତକୁ ହରାଇଥିଲା । ଟିମ୍ ଭାରତରେ ଗୋଟିଏ ବି ଟି-୨୦ ସିରିଜ୍ ଜିତିପାରି ନାହିଁ ।

# ମହଙ୍ଗା ପଡ଼ିଲା ଭାରତରେ ନଖେଳିବା ଜିଦ୍, ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଆଉଟ୍

ନୂଆଦିଲ୍ଲୀ,(ଏଜେନ୍ସି): ଶେଷରେ ବାଂଲାଦେଶ ନିଜ ଜିଦ୍ ଯୋଗୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛି । ବାଂଲାଦେଶ ଆସନ୍ତା ଫେବ୍ରୁଆରୀ ମାସରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡିଛି । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବାଂଲାଦେଶକୁ ବାହାର ରାସ୍ତା ଦେଖାଇବା ପରେ ଏହା ସ୍ଥାନରେ ସ୍କଟଲାଣ୍ଡ୍ ଦଳକୁ ବଦଳ ଦଳ ଭାବେ ସାମିଲ କରିଛି । ଆଇସିସି ଅଧ୍ୟକ୍ଷ ଜୟ ଶାହ ଦୁବାଇ ଠାରେ ଆୟୋଜିତ ଏକ ବୈଠକ ସମୟରେ ପରିଷଦର ଚୂଡାନ୍ତ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବା ଅବସରରେ ଏହି ସୂଚନା ଦେଇଛନ୍ତି । ଆଇସିସି ମଧ୍ୟ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏହା ଘୋଷଣା କରିଛି । ଅନ୍ୟପକ୍ଷେ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଭାରତରେ ମ୍ୟାଚ୍ ଆୟୋଜନ କରିବା ପାଇଁ ଆଇସିସିର ନିଷ୍ପତ୍ତି ବିରୁଦ୍ଧରେ ବିବାଦ ସମାଧାନ କମିଟି (ଡିଆର୍‌ସି)ରେ ଏକ ଆବେଦନ ଦାଖଲ କରିଥିଲା, କିନ୍ତୁ ଏହାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଥିବା ସୂଚନା ମିଳିଛି । ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା, ଅତ୍ୟାଚାର ତଥା ହତ୍ୟା ଭଳି ଅପରାଧିକ ଘଟଣାକୁ ଦୃଷ୍ଟିରେ ରଖି ଭାରତରେ ଏହାର ତୀବ୍ର ପ୍ରତିବାଦ କରାଯାଇଥିଲା । ଏପରିକି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ କୌଣସି ବାଂଲାଦେଶୀ ଖେଳାଳିଙ୍କୁ ସାମିଲ ନକରିବାକୁ ନେଇ ସ୍ୱର ତୀବ୍ରତର ହୋଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ, ଆଇପିଏଲ୍‌ର ଅନ୍ୟତମ ଫ୍ରାଞ୍ଚାଇଜି ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଖେଳାଳି ନିଲାମ ସମୟରେ ବାଂଲାଦେଶର ଦ୍ରୁତ ବୋଲର ମୁସ୍ତାଫିଜୁର ରେହମାନ୍‌ଙ୍କୁ ପ୍ରାୟ ୯.୨ କୋଟି ଟଙ୍କାରେ କିଣିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବାଧ ହୋଇ ବାଦ୍ ଦେଇଥିଲା । ଏହାକୁ ନେଇ ବାଂଲାଦେଶ ସରକାର ଏବଂ ବାଂଲାଦେଶ କ୍ରିକେଟ୍ ବୋର୍ଡ ଭାରତରେ ଆୟୋଜିତ ହେଉଥିବା ଟି-୨୦ ବିଶ୍ୱକପ୍‌ର କୌଣସି ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା । ନିଜ ଦେଶର ସୁରକ୍ଷିତ ପରିସ୍ଥିତିକୁ ଦର୍ଶାଇ ବିସିବି ନିଜ ଖେଳାଳିଙ୍କୁ ଭାରତ ପଠାଇବାକୁ ମନା କରିଦେଇଥିଲା । ଏହାପରେ ଆଇସିସି ପକ୍ଷରୁ ବାଂଲାଦେଶକୁ ଅନେକ ଥର ବୁଝାଇବା ପାଇଁ ପ୍ରୟାସ କରାଯାଇଥିଲେ ମଧ୍ୟ ବାଂଲାଦେଶ କ୍ରିକେଟ୍ ବୋର୍ଡ ନିଜ ଜିଦ୍‌ରେ ଅଟଳ ରହିଥିଲା । ଅନ୍ୟପକ୍ଷେ ଟିକେଟ୍ ବିକ୍ରି ଠାରୁ ଆରମ୍ଭ କରି ଷ୍ଟାଡିୟମ୍ ଚୟନ ଆଦି ପ୍ରକ୍ରିୟା ଚୂଡାନ୍ତ ହୋଇସାରିଥିବାରୁ ଭାରତ ବ୍ୟତୀତ ଅନ୍ୟ କୌଣସି ମ୍ୟାଚ୍ ଖେଳାଯିବା ସମ୍ଭବ ନୁହେଁ ବୋଲି ଆଇସିସି ପକ୍ଷରୁ ବିସିବିକୁ ଜଣାଇଦିଆଯାଇଥିଲା । ଏହାପରେ ମଧ୍ୟ ଗତ ଗୁରୁବାର ବିସିବିକୁ ଏସମ୍ପର୍କରେ ପୁନର୍ବାର ଭଲଭାବେ ବିଚାର କରିବାକୁ ଏବଂ ନିଜ ନିଷ୍ପତ୍ତି ଜଣାଇବାକୁ ଆଇସିସି କହିଥିଲା ଏବଂ ୨୪ ଘଣ୍ଟାର ଅଲ୍ଟିମେଟମ୍ ମଧ୍ୟ ଦେଇଥିଲା । ତେବେ ଏବେ ଯେତେବେଳେ ଏହି ସମୟ ଅତିକ୍ରମ ହୋଇଛି ଆଇସିସି ବାଧ ହୋଇ ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶକୁ ବାଦ୍ ଦେଇଛି ଏବଂ ଏହା ସ୍ଥାନରେ ସ୍କଟ୍‌ଲାଣ୍ଡ ଦଳକୁ ସାମିଲ କରିଛି । ତେବେ ବାଂଲାଦେଶ ସମର୍ଥନରେ ବାହାରିଥିବା ପାକିସ୍ତାନ ଉପରେ ଏବେ ନଜର ରହିଛି । ଯଦିଓ ପାକିସ୍ତାନ ଭାରତରେ ନଖେଳିବା ପାଇଁ କେବଳ ଧମକ ଦେଇଛି, କିନ୍ତୁ ବିଧିବଦ୍ଧ ଭାବେ ଏସମ୍ପର୍କରେ ଆଇସିସିକୁ କୌଣସି ସ୍ପଷ୍ଟ ନିଷ୍ପତ୍ତି ଜଣାଇନାହିଁ ।

# 'ଭ୍ୟାଲେଣ୍ଟାଇନ୍ ୱିକ୍'ରେ ଆସୁଛି ଓଡ଼ିଆ ଫିଲ୍ମ 'ବର ବଧୂ'

## ତିନି ପିଢ଼ିର ହୃଦୟସ୍ପର୍ଶୀ କାହାଣୀ ଦେଖିବେ ଦର୍ଶକ




ପ୍ରେମ, ଓଡ଼ିଆ ପରମ୍ପରା, ଭଲପାଇବା, ପାରିବାରିକ ଜୀବନର ମୂଲ୍ୟବୋଧ ସହ ବେରୋଜଗାରକୁ ନେଇ ପ୍ରେମ ସପ୍ତାହରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ଫିଲ୍ମ 'ବର ବଧୂ' । ନୂଆ ଉତ୍ସାହ ଓ ଆଶା ନେଇ ବଲିଉଡ ଟେକନିକ ସହ ଓଲିଉଡର ଅଭିଜ୍ଞ କଳାକାରଙ୍କ ଦମଦାର ଅଭିନୟ ଦେଖିବେ ଦର୍ଶକ । ଫିଲ୍ମ ଆସନ୍ତା ଫେବୃଆରୀ ୧୩ରେ ରିଲିଜ ହେବ । ଥିଏଟର ରିଲିଜ ପୂର୍ବରୁ ଭୁବନେଶ୍ୱରସ୍ଥିତ ଭେଷ୍ଟ ସ୍କୋୟାରରେ ଏହି ଚଳଚ୍ଚିତ୍ରର ସଙ୍ଗୀତ ରିଲିଜ ହୋଇଛି । ସମସ୍ତ ଷ୍ଟାରକାଷ୍ଟ ଏବଂ ସଙ୍ଗୀତ କ୍ରୁ ସଦସ୍ୟଙ୍କ ଉପସ୍ଥିତିରେ ଏହି ମ୍ୟୁଜିକ୍ ରିଲିଜ ଆୟୋଜିତ ହୋଇଥିଲା ।

ଶିବାନୀ ସଙ୍ଗୀତା ଓ ଶୈଳେନ୍ଦ୍ର ସାମନ୍ତରାୟ, ହର ରଥ ଓ ସୂର୍ଯ୍ୟମୟୀ ମହାପାତ୍ର, ଶୁଭାଶିଷ ଶର୍ମା ଓ ଜୟଶ୍ରୀ ଷଡଙ୍ଗୀ ଏହି ତିନି ଯୋଡି ବୟସର ୩ଟି ପିଢ଼ିର କଥା ବଖାଣିବା ସହ ଏଥିରେ ରଜଠୁ ଆରମ୍ଭରେ କରି ଖୁଦୁରୁକୁଣୀ ଓଡ଼ିଆ ଘରର ଅନେକ ପରମ୍ପରାର ଝଲକ ଦେଖିବାକୁ ମିଳିବ । ଏହା ଏକ ମ୍ୟୁଜିକାଲ ଫିଲ୍ମ ହୋଇଥିବା ବେଳେ କାହାଣୀରେ ଥିବା ପ୍ରତିଟି ଆବେଗକୁ ଗୀତ ମାଧ୍ୟମରେ ଗୋଟିଏ ସୂତାରେ ବାନ୍ଧିକି ସୁନ୍ଦର ଏକ କାହାଣୀଟିଏ ର ପରିକଳ୍ପନା ହୋଇଛି । ଯାହା ଓଡ଼ିଶାର ମାଟି ପାଣି ପବନ ର ଚାଲିଚଳଣୀର କଥା କହିବ । ମୌଳିକ କାହାଣୀ ସହ ସିନେମାଟି ଯେତିକି ରୋମାଞ୍ଚକର ରହିବ ସେତିକି ସମାଜର ଏକ ନୂଆ ନୂଆ କଥା କହିବ ।

ଏଥିରେ ୯ଟି ଗୀତ ରହିଥିବା ବେଳେ ଏହି ପ୍ରତୀକ୍ଷିତ ସିନେମାର ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଏବଂ ତାଙ୍କ ସହିତ ଯୋଡି ହୋଇଛନ୍ତି ଭାରତ ହିତାର୍ଥ । ଗୀତ ରଚନା କରିଛନ୍ତି ଜେ. ପି ୱାର୍ଡସ୍ମିଥ, ସ୍ମିତ ପଟ୍ଟନାୟକ, ସୁମିତ ପଣ୍ଡା, ଡି ସୁପ୍ରଭା, ଫୋନିକ୍ସ ଓ ସୁନୀଲ ପରିଡା । ଗୀତ ଗୁଡିକରେ କଣ୍ଠଦାନ କରିଛନ୍ତି ପାପନ, କ୍ରିଷ୍ଣା ବେଉରା, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ, ଆଶିଷ ପ୍ରଧାନ, ଅନୁରାଗ ଦାସ, ଓ ଶୁଭଶ୍ରୀ ଜେନା । ନିଛକ ଓଡ଼ିଆ କାହାଣୀକୁ ଆଧାର କରି ପ୍ରସ୍ତୁତ 'ବର ବଧୂ' ଚଳଚ୍ଚିତ୍ରର ସମସ୍ତ ଗୀତକୁ ଉପସ୍ଥିତ ଦର୍ଶକ ବେଶ ପସନ୍ଦ କରିଥିଲେ । ବିଶେଷକରି ଯୁବବର୍ଗଙ୍କୁ ଏହି ଗୀତ ଆକୃଷ୍ଟ କରିବ ବୋଲି କରିଛନ୍ତି ସଂଗୀତକାର ଗୌରବ ଆନନ୍ଦ । ସେହିପରି କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ସହ ବିଶ୍ୱରଞ୍ଜନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ସିନେମା । ଦ ୟୁଜଫୁଲ ଗାର୍ବେଜ କ୍ରିଏସାନ୍ସ ବ୍ୟାନର ଅଧୀନରେ ଚନ୍ଦ୍ରମଣିଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ କଣ୍ଟ୍ରି ବଏଜ ଷ୍ଟୁଡ଼ିଓଜ ଓ ଶର୍ପଲିନ ଫିଲ୍ମ ପ୍ରାଇଭେଟ ଲିମିଟେଡ୍ ସହଯୋଗୀ ସଂସ୍ଥା ଭାବେ ଯୋଡ଼ି ହୋଇଛନ୍ତି । ସହ-ପ୍ରଯୋଜକ ଭାବେ ବିଶ୍ୱରଞ୍ଜନ ଓ ସୁଶୀଲ କୁମାର ମିଶ୍ର ନିଜ ଦାୟିତ୍ୱ ସଫଳତାର ସହିତ ସମ୍ପାଦନ କରିଛନ୍ତି । ଚଳଚ୍ଚିତ୍ରର ସମ୍ପାଦନା କରିଛନ୍ତି ଦୀପିକା କାରଲା । ସାଉଣ୍ଡ ଡିଜାଇନରେ ଅଛନ୍ତି ବଲିଉଡରେ ବହୁତ ବଡ ବଡ ସିନେମାର କାମ କରି ପ୍ରଶଂସା ସାଉଁଟିଥିବା ଓଡ଼ିଆ ପୁଅ ନିହାର ସାମଲ । ଏହି ଫିଲ୍ମକୁ ନେଇ ଅଭିନେତା ଶୁଭାଶିଷ କହିଛନ୍ତି, "୩ଟି ଯୋଡି ତିନୋଟି କାହାଣୀ କହିବେ ପ୍ରତିଟି କାହାଣୀ ଆମ ସମାଜର ହୋଇଥିବା ବେଳେ ଦାଦନ ଦୁଃଖର କରୁଣା କାହାଣୀକୁ ଆମର ଏହି ସିନେମା ବିଶେଷ ଭାବେ ଦେଖାଇଛି । ଯୁବକଟିଏ ଚାକିରୀ ନମସ୍ତେ ପାଇଁ ଦାଦନ ଖଟିବାକୁ ଗଲା ପରେ ତା ପଛରେ ତାର ପରିବାର କିଭଳି ଯନ୍ତ୍ରଣା ପାଏ ଆଉ କି କି ଦୁଃଖ ସହେ ତାହାକୁ ଦେଖିପାରିବେ ଦର୍ଶକ । ଏହି ଚରିତ୍ର ତାଙ୍କ ପାଇଁ ଏକ ନିଆରା ଓ ଭିନ୍ନ । ତେଣୁ ଆଶା କି ନୂଆ କାହାଣୀର ଏହି ଚରିତ୍ର ସମସ୍ତଙ୍କୁ ଭଲ ଲାଗିବ ।" ସେହିପରି ନିର୍ଦ୍ଦେଶକ ବିଶ୍ୱରଞ୍ଜନ କହିଛନ୍ତି, "ମୁଁ ଓଡ଼ିଆ ପୁଅ ହିସାବରେ ମୋର ନିଜ ମାଟିରେ କାମ କରିବାର ବହୁତ ଇଛା ଥିଲା ତେଣୁ ମୁଁ ମୁମ୍ବାଇର ସମସ୍ତ ଟେକନିକକୁ ନେଇ ମୋ ମାଟିର କଳାକାରଙ୍କ ଉପରେ ଏକ ସୁନ୍ଦର କାହାଣୀ କରିବାକୁ ଯାଉଛି । ଏହାକୁ ମୁଁ ଜାତୀୟ ସ୍ତରରେ ଏକ ପରିଚୟ ଦେବାକୁ ଚେଷ୍ଟା କରିଛି । ମୋ ଓଡ଼ିଶାର ଦର୍ଶକଙ୍କୁ ଭଲ ଲାଗିବ ।" ସେହିପରି ପ୍ରଯୋଜକ ଇନ୍ଦ୍ରମଣି କହିଛନ୍ତି, "ଆମ ମାଟିର ମୌଳିକ କାହାଣୀକୁ ନେଇ ନୂଆ କିଛି ଛୁଙ୍କ ଦେଇ ଲୋକଙ୍କ ପସନ୍ଦକୁ ନେଇ ଏକ ହୃଦୟସ୍ପର୍ଶୀ କାହାଣୀ ଏହି ଫିଲ୍ମ ମାଧ୍ୟମରେ ଆଣିଛୁ । ୨ କୋଟିରୁ ଉର୍ଦ୍ଧ୍ୱ ବଜେଟର ଏହି କାହାଣୀ ସମ୍ପୂର୍ଣ୍ଣ ଓଡ଼ିଶାରେ ସୁଟିଂ ହୋଇଛି । ଏହି କାହାଣୀ ଆମର ଏଥିରେ ଆମେ ଆମକୁ ଦେଖିପାରିବା ତେଣୁ ଆଶା ଓଡ଼ିଆ ପରମ୍ପରା ଓଡ଼ିଆ କଥାକୁ ନେଇ ପ୍ରସ୍ତୁତ ଏହି ଚଳଚିତ୍ର ଆପଣାକୁ ନିଶ୍ଚୟ ଭଲ ଲାଗିବ ।"

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ